ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ 25

PARYABEKHYAK पर्यवेक्षक

Vol.26 . No.297 Bhubaneswar Friday January 12 2024 | ୨୬ତମ ବର୍ଷ ସଂଖ୍ୟା-୨୯୭ ଭୁବନେଶ୍ୱର, ଶୁକ୍ରବାର, ଜାନୁଆରୀ ୧୨, ୨୦୨୪ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹ 1.50 | (Air Surcharge - 0.50P) | Member-INS


# ସରକାରୀ ଘରେ ବିଡିଓଙ୍କ ଝୁଲନ୍ତା ମୃତଦେହ ଠାବ



ଭୁବନେଶ୍ୱର,୧୧।୧(ପି.ଏନ): ସରକାରୀ କ୍ୱାର୍ଟର୍ସରୁ ମିଳିଛି ଜଣେ ବିଡିଓଙ୍କ ମୃତଦେହ। ତାଙ୍କ ନାଁ ବିଶ୍ୱରଞ୍ଜନ ମହାନ୍ତି। ସେ ବାଲେଶ୍ୱର ଜିଲ୍ଲା ସିମୁଳିଆର ବିଡିଓ ଭାବେ ନିଯୁକ୍ତ ହୋଇଥିଲେ। ତାଙ୍କର ଚ଼ାକିରି ଆଉ ମାତ୍ର ଅଢ଼େଇ ବର୍ଷ ଥିଲା।ଆଜି ଦିନ ୧୧ଟା ବେଳେ କିଛି ସମୟ ପାଇଁ ଅଫିସ ଯାଇଥିଲେ ବିଶ୍ୱରଞ୍ଜନ ମହାନ୍ତି। ଭିସିରେ ଯୋଗ ନଦେବାରୁ ତାଙ୍କୁ ଖୋଜା ଯାଇଥିଲା। ଏହା ପରେ ଘଟଣା ସାମ୍ନାକୁ ଆସିଥିଲା। ଝୁଲନ୍ତା ଅବସ୍ଥାରେ ତାଙ୍କୁ ତାଙ୍କ ସରକାରୀ ବାସଭବନରେ ଠାବ କରାଯାଇଥିଲା। ବେକରେ ଗାମୁଛା ବାନ୍ଧି ସେ ଝୁଲି ପଡିଥିବା କୁହାଯାଉଛି। ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଛାନଭିନ ଆରମ୍ଭ କରିଛି। ଏହି ଘଟଣା ପାଇଁ ବାଲେଶ୍ୱର ଜିଲ୍ଲାପାଳଙ୍କୁ ଦାୟୀ କରିଛନ୍ତି ମୃତ ବିଡିଓ ବିଶ୍ୱରଞ୍ଜନ ମହାନ୍ତିଙ୍କ ବାପା ନରେନ୍ଦ୍ର ମହାନ୍ତି। ସେ କହିଛନ୍ତି, ପୁଅକୁ ଜିଲ୍ଲାପାଳ ଛୁଟି ଦେଉ ନଥିଲେ। ଅକ୍ଟୋବର ୨୫ରେ କାମରେ ଯୋଗ ଦେବା ପରଠୁ ଆଉ ଘରକୁ ଆସି ନ ଥିଲା। ଜିଲ୍ଲାପାଳ କାମ ଚ଼ାପ ଦେଉଥିଲେ। ପ୍ରବଳ କାମ ଚ଼ାପ ସହ ଛୁଟି ମିଳୁନଥିବାରୁ ମାନସିକ ଦୁଶ୍ଚିନ୍ତାରେ ଥିଲା ପୁଅ।

# ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ପାଇଁ ଧାର୍ଯ୍ୟ ହେଲା ଶୁଭ ସମୟ

ଭୁବନେଶ୍ୱର,୧୧।୧(ପି.ଏନ): ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ପାଇଁ ଧାର୍ଯ୍ୟ ହେଲା ସମୟ। ୧୭ ତାରିଖ ଅପରାହ୍ନ ୧ଟା ୧୫ରୁ ସାଢ଼େ ଗୋଟାଏ ଭିତରେ ପ୍ରକଳ୍ପ ଲୋକାର୍ପଣ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରକଳ୍ପ ଉଦ୍‌ଘାଟନ କରିବେ। ୩ଟା ପରେ ଶ୍ରଦ୍ଧାଳୁମାନେ ପରିକ୍ରମା ମାର୍ଗ ଭ୍ରମଣ କରିପାରିବେ ଓ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପଭୋଗ କରିପାରିବେ। ଆଜି ବସିଥିବା ଶ୍ରୀମନ୍ଦିର ପରିଚ଼ାଳନା କମିଟି ବୈଠକରେ ଏନେଇ ନିଷ୍ପତ୍ତି ହୋଇଛି। ପରିଚ଼ାଳନା କମିଟି ବୈଠକ ପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ ଦାସ କହିଛନ୍ତି, ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ନେଇ ପୁଙ୍ଖାନୁପୁଙ୍ଖ ଆଲୋଚ଼ନା ହୋଇଛି। ଆସନ୍ତା କାଲି(ଶୁକ୍ରବାର)ଠାରୁ ଗଜପତି ମହାରାଜଙ୍କ ଦ୍ୱାରା ଆଚ଼ାର୍ଯ୍ୟ ବରଣ, ଗୁଆ ଟେକା, ଅଙ୍କୁର ରୋପଣ କାର୍ଯ୍ୟ ହେବ। ୧୩ ତାରିଖରେ ଅଙ୍କୁର ପୂଜନ ହେବ। ୧୪ ତାରିଖରେ ଅଙ୍କୁର ପୂଜନ, ଯଜ୍ଞ ଅଧିବାଶ, ଧ୍ୱଜା ସ୍ଥାପନ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ୧୫ ତାରିଖଠାରୁ ଯଜ୍ଞ ଆରମ୍ଭ ହେବ। ସେଦିନ ସକାଳ ସାଢ଼େ ୭ଟାରୁ ଅଖଣ୍ଡ ଦୀପ ସ୍ଥାପନ, ପଞ୍ଚ କର୍ମ, ବ୍ରାହ୍ମଣ ବରଣ ଓ ଯଜ୍ଞକାର୍ଯ୍ୟ ହେବ। ୧୬ ତରିଖରେ ମଧ ଦିନସାରା ଯଜ୍ଞ ଚ଼ାଲିବ। ୧୭ ତାରିଖ ଅପରାହ୍ନ ୧ଟା ୧୫ ମିନିଟ୍‌ରୁ ସାଢ଼େ ୧ଟା ଭିତରେ ମାନ୍ୟଗଣ୍ୟ ଅତିଥିଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରକଳ୍ପ ଫଳକ ଲୋକାର୍ପଣ କରିବେ। ସେହି ସମୟରେ ଗଜପତି ମହାରାଜା ପୁଷ୍ପାଞ୍ଜଳି ଓ ଯଜ୍ଞ ପୂର୍ଣ୍ଣାହୂତି ଦେବେ। ୨ରୁ ସାଢ଼େ ୨ଟା ଭିତରେ ଗଜପତି ମହାରାଜା, ମୁଖ୍ୟମନ୍ତ୍ରୀ ଓ ଅନ୍ୟାନ୍ୟ ଅତିଥିମାନେ ପରିକ୍ରମା ମାର୍ଗ ପରିଦର୍ଶନ କରିବେ। ସାଢ଼େ ୨ଟାରୁ ୩ଟା ଭିତରେ ଉତ୍ତର



ପାର୍ଶ୍ୱ ମଠ ପାଖରେ ପ୍ରତିଷ୍ଠା ହୋଇଥିବା ଗୃହରେ ଧନ୍ୟବାଦ ସଭା ହେବ। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପରେ ସହଯୋଗ କରିଥିବା ବ୍ୟକ୍ତି ବିଶେଷଙ୍କୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଜଣାଇବେ। ଅପରାହ୍ନ ୩ଟା ପରେ ସାଧାରଣ ଲୋକ ପରିକ୍ରମା ମାର୍ଗ ପରିଦର୍ଶନ କରିବାକୁ ଅନୁମତି ଦିଆଯିବ ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି।

# ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ବାପା ଯୁଗଳ କିଶୋରଙ୍କ ଦେହାନ୍ତ

ଭୁବନେଶ୍ୱର,୧୧।୧(ପି.ଏନ): ଓଡିଶା କଂଗ୍ରେସର ବରିଷ୍ଠ ନେତା ତଥା ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ବାପା ଯୁଗଳ କିଶୋର ପଟ୍ଟନାୟକଙ୍କ ଦେହାନ୍ତ। ମୃତ୍ୟୁ ବେଳକୁ ଯୁଗଳ କିଶୋର ପଟ୍ଟନାୟକଙ୍କୁ ୯୭ବର୍ଷ ହୋଇଥିଲା । ତାଙ୍କ ମୃତ୍ୟୁରେ ସମଗ୍ର ଅ□ଳରେ ଶୋକର ଛାୟା ଖେଳିବା ସହ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ସଇଁତଳା ବାସଭବନରେ ଶେଷ ଦର୍ଶନ କରିଥିଲେ। ତଥା ଶୋକ ସନ୍ତପ୍ତ ପରିବାରବାର୍ଗଙ୍କୁ ଜିଲ୍ଲା ତଥା ରାଜ୍ୟର ଅନେକ ବ୍ୟକ୍ତି ବିଶେଷ ସମବେଦନା ପ୍ରକାଶ କରିଛନ୍ତି।



# ପାହାଡ ଉପରେ ଠିଆ ହୋଇଛି ଭବ୍ୟ ମନ୍ଦିର, ପୂଜା ପାଇବେ ପ୍ରଭୁ ଶ୍ରୀରାମ

ଭୁବନେଶ୍ୱର,୧୧।୧(ପି.ଏନ): ପ୍ରକୃତି ମାଆ ସବୁଜିମା ଚ଼ାଦରରେ ଘୋଡେଇ ହୋଇଛି ଫତେଗଡ ପାହାଡ। ସେହି ପାହାଡର ଶୀର୍ଷରେ ତିଆରି ଚ଼ାଲିଛି ଆକର୍ଷଣୀୟ ମନ୍ଦିର। ଶ୍ରୀମନ୍ଦିର, କୋଣାର୍କ ଓ ତାରାତାରିଣୀ ମନ୍ଦିର ଢାଞ୍ଚାରେ ନିର୍ମାଣ ଚ଼ାଲିଥିବା ଏହି ମନ୍ଦିରରେ ପୂଜା ପାଇବେ ମର୍ଯ୍ୟାଦା ପୁରୁଷ ଶ୍ରୀରାମ। ସଂଯୋଗକୁ ଅଯୋଧ୍ୟାରେ ରାମ ମନ୍ଦିର ପ୍ରତିଷ୍ଠା ଦିନ ଅର୍ଥାତ ୨୨ ତାରିଖରେ ଶ୍ରୀରାମଙ୍କ ପ୍ରାଣ ପ୍ରତିଷ୍ଠା କରାଯିବ। ଭବ୍ୟ ପ୍ରାଣ ପ୍ରତିଷ୍ଠା ଉତ୍ସବରେ ପୁରୀ ଗୋବର୍ଦ୍ଧନ ପୀଠର ଶଙ୍କରାଚ଼ାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ଓ ପୁରୀ ଗଜପତି ମହାରାଜା ଦିବ୍ୟସଂହ ଦେବ ଯୋଗଦେବେ। ସେଥିପାଇଁ ଶେଷ ସ୍ପର୍ଶ ପାଉଛି ଫତେଗଡ ଶ୍ରୀରାମ ମନ୍ଦିର।








# ଆଜି ରାତି ସୁଦ୍ଧା ଶେଷ ହେବ ଶ୍ରୀକ୍ଷେତ୍ର ପରିକ୍ରମା ମାର୍ଗ ନିର୍ମାଣ କାର୍ଯ୍ୟ, ୧୭ରେ ପ୍ରକଳ୍ପର ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୧।୧(ପି.ଏନ): ଆଜି ରାତି ସୁଦ୍ଧା ଶ୍ରୀକ୍ଷେତ୍ର ପରିକ୍ରମା ମାର୍ଗ ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ଚୂଡାନ୍ତ ପ୍ରସ୍ତୁତି ଚ଼ାଲିଛି । ଇତି ମଧ୍ୟରେ ଆନ୍ତଃ ପ୍ରଦକ୍ଷିଣ ମାର୍ଗ କାର୍ଯ୍ୟ ଶେଷ ହୋଇଛି ବୋଲି ଓଡିଶା ସେତୁ ଓ ନିର୍ମାଣ ନିଗମ ପକ୍ଷରୁ ସୂଚ଼ନା ମିଳିଛି । ଶ୍ରୀଜଗନ୍ନାଥ ବଲ୍ଲଭ ମଠରୁ ଶ୍ରୀମନ୍ଦିର ଦୋଳବେଦୀ କୋଣ ପର୍ଯ୍ୟନ୍ତ ନୂତନ ରାସ୍ତାର କାର୍ଯ୍ୟ ୧୭ ତାରିଖ ପୂର୍ବରୁ ଶେଷ କରାଯାଇ ତାହାକୁ କାର୍ଯ୍ୟକ୍ଷମ କରାଯିବାକୁ ଲକ୍ଷ୍ୟ ରଖାଯାଇଛି । ଶ୍ରୀସେତୁର ନିର୍ମାଣ ଶେଷ ହୋଇଥିବା ବେଳେ ପ୍ରବେଶ ପଥରେ ତୋରଣ ନିର୍ମାଣ କରାଯାଉଛି ।ଶ୍ରୀମନ୍ଦିର ଚ଼ତୁଃପାଶ୍ୱର୍‌ରେ ଥିବା ୧୭ଟି ମଠ ଓ ୩ଟି ମନ୍ଦିରର ନିର୍ମାଣ କାମ ଆଗେଇ ଚ଼ାଲିଛି । ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ପରାମର୍ଶଦାତା ପୁରୀ ଯାଇ ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ । ଆସନ୍ତାକାଲି ଠାରୁ ଯଜ୍ଞ ପ୍ରକ୍ରିୟା ଆରମ୍ଭ କରାଯିବ । ଗଜପତି ମହାରାଜା ଏଥିଲାଗି ବ୍ରାହ୍ମଣ ବରଣ କରିବେ ଓ ସନ୍ଧ୍ୟାରେ ଅଙ୍କୁରାରୋପଣ କରାଯିବାର କାର୍ଯ୍ୟକ୍ରମ ରହିଛି । ଗଜପତି ମହାରାଜାଙ୍କ ଅଧ୍ୟକ୍ଷତାରେ ଶ୍ରୀମନ୍ଦିର ପରିଚ଼ାଳନା କମିଟିର ଏକ ସ୍ୱତନ୍ତ୍ର ବୈଠକ ଆଜି ନୀଳାଦ୍ରି ଭକ୍ତ ନିବାସରେ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି । ପରିକ୍ରମା ମାର୍ଗ ଲୋକାର୍ପଣ ଉତ୍ସବ ପାଇଁ ଗ୍ରହଣ କରାଯାଇଥିବା ବ୍ୟବସ୍ଥାବଳୀ ସେଥିରେ ଅନୁମୋଦନ କରାଯିବ ।

# ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ଼ ନ୍ୟାୟ ଯାତ୍ରା ଆସନ୍ତା ଫେବୃଆରୀ ୧୪ ରୁ ଓଡ଼ିଶାରେ ଆରମ୍ଭ ହେବ

ଭୁବନେଶ୍ୱର ,୧୧।୧(ପି.ଏନ): ଆଜି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଶ୍ରୀ ପଂଚାନନ କାନୁନଗୋ ଭାରତ ଯୋଡ଼ ନ୍ୟାୟ ଯାତ୍ରାର ପୁସ୍ତିକା ଓ ପ୍ରଚାରପତ୍ର ଉନ୍ମୋଚନ କରି କହିଥିଲେ ଯେ ଆସନ୍ତା ଜାନୁଆରୀ ୧୪ ତାରିଖରେ ରାହୁଲ ଗାନ୍ଧୀ ମଣିପୁରରୁ ଭାରତ ଯୋଡ଼ ନ୍ୟାୟ ଯାତ୍ରାର ଶୁଭାରମ୍ଭ କରିବେ। ଓଡ଼ିଶାରେ ଆସନ୍ତା ଫେବୃଆରୀ ୧୪ ତାରିଖରେ ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ଼ ନ୍ୟାୟ ଯାତ୍ରା ଝାଡଖଣ୍ଡ ଅତିକ୍ରମ କରି ଓଡ଼ିଶାର ମୟୁରଭଞ୍ଜରେ ପଂହଚିବ। ବର୍ତ୍ତମାନ ସୁଦ୍ଧା ହସ୍ତଗତ ହୋଇଥିବା ତଥ୍ୟ ଅନୁଯାୟୀ ରାହୁଲ ଗାନ୍ଧୀଙ୍କ ଏହି ଯାତ୍ରା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀଯୁକ୍ତ ଶରତ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ୪ ଦିନ ଧରି ଓଡ଼ିଶାର ୪ଟି ଜିଲ୍ଲା ଯଥା : ମୟୁରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼ ଓ ଝାରସୁଗୁଡ଼ା ୩୪୧ କି.ମି. ଅତିକ୍ରମ କରିବ। ଏହି ନ୍ୟାୟ ଯାତ୍ରାରେ ଯେକୌଣସି ଜଣେ ବ୍ୟକ୍ତି ୯୮୯୧୮୦୨୦୨୪ ନମ୍ବରରେ ମିସ୍ କଲ କରି ନିଜକୁ ଜଣେ ନ୍ୟାୟ ଯୋଦ୍ଧା ହିସାବରେ ଏହି ଯାତ୍ରାରେ ଯୋଗଦାନ କରିପାରିବେ। ଯେଉଁ ଅଂଚଳ ଦେଇ ଏହି ଯାତ୍ରା ଅତିକ୍ରମ କରିବ ସେ ସବୁ ଅଂଚଳର ଜନସାଧାରଣ ଏହି ଯାତ୍ରାରେ ନିଜକୁ ସାମିଲ କରିପାରିବେ। ଏଥିପାଇଁ କୌଣସି ଅସୁବିଧା ନାହିଁ। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ମେଡ଼ିଆ ଅଧ୍ୟକ୍ଷ ଡ. ବିଶ୍ୱରନ ମହାଁ କହିଥିଲେ ଯେ ଦେଶର ବଂଚିତ ବର୍ଗଙ୍କ ରାଜନୈତିକ, ସାମାଜିକ ଓ ଅର୍ଥନୈତିକ ଅଧିକାରକୁ ସୁନିଶ୍ଚିତ କରିବା ପାଇଁ ରାହୁଲଗାନ୍ଧୀଙ୍କର ଏହି ଭାରତ ଯୋଡ଼ ନ୍ୟାୟ ଅଭିପ୍ରେତ। ପ୍ରକାଶଥାଉକି ଭାରତ ଯୋଡ଼ ନ୍ୟାୟ ଯାତ୍ରା ଭାରତ ବର୍ଷର ୧୫ ଟି ରାଜ୍ୟର ୧୧୦ ଟି ଜିଲ୍ଲା ଦେଇ ୬୭୧୩ କି.ମି. ୬୬ ଦିନରେ ଅତିକ୍ରମ କରିବ। ଏହି ଯାତ୍ରାରେ ଭାରତ ବର୍ଷର ବୁଦ୍ଧିଜୀବି, ସମାଜସେବୀ, କଳାକାର ଏବଂ ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ବ୍ୟକ୍ତିବିଶେଷ ଯୋଗଦାନ କରିପାରିବେ। ଦୀର୍ଘ ୧୦ ବର୍ଷର ଅନ୍ୟାୟକାଳ ବିରୁଦ୍ଧରେ ଭାରତ ବର୍ଷର ଜନସାଧାରଣଙ୍କର ସ୍ୱାର୍ଥ ରକ୍ଷା କରିବା ଏବଂ ଭାରତ ବର୍ଷର ସମ୍ବିଧାନ, ସାମ୍ବିଧାନିକ ଅନୁଷ୍ଠାନ, ବିଭିଧତା ଏବଂ ଏକତାକୁ ରକ୍ଷା କରିବାପାଇଁ ଏ ନ୍ୟାୟ ଯାତ୍ରା। ଜନସାଧାରଣଙ୍କର ଅର୍ଥନୈତିକ, ସାମାଜିକ ଓ ରାଜନୈତିକ ନ୍ୟାୟର ସୁରକ୍ଷା ପାଇଁ ରାହୁଲ ଗାନ୍ଧୀଙ୍କର ଏହି ଯାତ୍ରାର ମୂଳ ଉଦ୍ଦେଶ୍ୟ। ଭାରତ ବର୍ଷର ଯୁବବର୍ଗ କର୍ମ ନିଯୁକ୍ତି ପାଇଁ ଆଜି ସଂଘର୍ଷ କରୁଛନ୍ତି। ଭାରତ ବର୍ଷର ଇଂଜିନିୟର ଆଜି କୁଲି ଆକାରରେ କାମ କରୁଛି। ପିଏଚଡି କରିସାରିଥିବା ବ୍ୟକ୍ତିଟି ପିଅନ ଚାକରି ପାଇଁ ଆବେଦନ କରୁଛି କିନ୍ତୁ ଭାରତ ବର୍ଷର ଜାତୀୟ ସମ୍ପତିକୁ ଭାରତ ବର୍ଷର ପ୍ରଧାନମନ୍ତ୍ରୀ ନିର୍ଦ୍ଦିଷ୍ଟ କତିପୟ ନିଜର ବ୍ୟବସାୟୀ ବନ୍ଧୁଙ୍କ ହାତରେ ଟେକି ଦେଉଛନ୍ତି। ଆମେ ଭାରତ ବର୍ଷର ଜନସାଧାରଣଙ୍କ ପାଇଁ ଅର୍ଥନୈତିକ ନ୍ୟାୟ, ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଜୀବିକାର ଅଧିକାରକୁ ସୁନିଶ୍ଚିତ କରିବା। ଆଜି ଭାରତ ବର୍ଷରେ ଗରିବ ଓ ଧନୀ ଭିତରେ ତାରତମ୍ୟ ବହୁତ ବଢ଼ିଯାଉଥିଲା ବେଳେ ମଧ୍ୟବିତ ପରିବାରର ସଂଚୟ ଶୂନ ହୋଇଯାଉଛି ଏବଂ ଗରିବ ଅଧିକ ଗରିବ ହୋଇଯାଉଛି କିନ୍ତୁ ଧନୀ ବହୁ ଅଧିକଗୁଣ ଧନୀ ହୋଇଯାଉଛି। ଏହି ଯାତ୍ରା ଏହି ଅର୍ଥନୈତିକ ବିଷମତା ଓ ଅନ୍ୟାୟ ବିରୁଦ୍ଧରେ। କୃଷକ ଏବଂ କୃଷି ଶ୍ରମିକ ଋଣ ବୋଝରେ ବୁଡ଼ି ଯାଉଛି କିନ୍ତୁ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦି ଧନୀ ମାନଙ୍କର ଋଣ ଛାଡ଼ କରୁଛନ୍ତି। ଆମେ ସୁନିଶ୍ଚିତ କରିବୁ ପ୍ରତ୍ୟେକ କୃଷକ ତା କୃଷିଜାତ ଦ୍ରବ୍ୟର ଉପଯୁକ୍ତ ମୂଲ୍ୟ ପାଉ ଏବଂ କୃଷି ଶ୍ରମିକଙ୍କର କଠିନ ପରିଶ୍ରମର ଫଳ ମିଳୁ। ମୋଦି ସରକାରଙ୍କ ସମୟରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପସବୁ ଆଜି ସଂକଟରେ। ଏହି ଶିଳ୍ପ ଭାରତ ବର୍ଷରେ ଅଧିକ କର୍ମନିଯୁକ୍ତି ସୃଷ୍ଟି କରିଥାନ୍ତି। ତେଣୁ ଆମେ ସୁନିଶ୍ଚିତ କରିବୁ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପକୁ ଅଧିକ ଋଣ, ଭିତିଭୂମି ଏବଂ ବୈଷୟୀକ ଜ୍ଞାନ ପ୍ରଦାନ କରିବା ନିମନ୍ତେ। ମୋଦି ସରକାରଙ୍କ ସମୟରେ ଭାରତ ବର୍ଷର ମହିଳା ସବୁଠାରୁ ଅଧିକ ଅତ୍ୟାଚାରିତ ହୋଇଛନ୍ତ। ଖୋଦ ପ୍ରଧାନମନ୍ତ୍ରୀ 'ବେଟି ବଚାଓ, ବେଟି ପଢ଼ାଓ'ର ନାରା ଦେଇଥିଲା ବେଳେ ତାଙ୍କରି ଦଳର ସାଂସଦ, ବିଧାୟକ, ମନ୍ତ୍ରୀ ଓ ନେତୃବର୍ଗ ବିଭିନ୍ନ ରାଜ୍ୟରେ ମହିଳାମାନଙ୍କ ପ୍ରତି ପାଶବିକ ଅତ୍ୟାଚାର ଓ ଯୌନଉତ୍ପିଡ଼ନ କରୁଛନ୍ତି। ଏହି ୧୦ ବର୍ଷ ଭିତରେ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଏବଂ ପଛୁଆବର୍ଗ ସବୁଠାରୁ ଅଧିକ ବଂଚିତ ହୋଇଛନ୍ତି। ଭାରତ ବର୍ଷର ସବୁଠାରୁ ବଡ଼ ବର୍ଗଙ୍କୁ ବଂଚିତ କରି ମୋଦି ସରକାର କେବଳ ନିର୍ଦ୍ଦିଷ୍ଟ କତିପୟ ଶିଳ୍ପପତିଙ୍କୁ ସ୍ୱାର୍ଥ ରକ୍ଷା କରୁଛନ୍ତି। ଘୃଣା, ହିଂସା ଆଜି ଆମ ସମାଜରେ ଏକ ବଡ଼ ଦାଗ ସୃଷ୍ଟି କରିଛି। ଘୃଣା ଓ ହିଂସା ଜନିତ ଅପରାଧ ଆମ ସମାଜରେ ଅହେତୁକ ପରିମାଣରେ ବୃଦ୍ଧି ଘଟିଛି। ତେଣୁ ଏହି ବର୍ଗଙ୍କର ସାମାଜିକ ନ୍ୟାୟ ପାଇଁ ରାହୁଲ ଗାନ୍ଧୀଙ୍କର ଭାରତ ଯୋଡ଼ ନ୍ୟାୟ ଯାତ୍ରା। ଏହି ୧୦ ବର୍ଷର ମୋଦି ସରକାର ସମୟରେ ସମସ୍ତ ସାମ୍ବିଧାନିକ ଏବଂ ନିରପେକ୍ଷ ସଂସ୍ଥା ମାନଙ୍କ ଉପରେ ଯୋରଦାର ଆକ୍ରମଣ କରାଯାଉଛି। ଭାରତ ବର୍ଷର ସଂଘୀୟ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଭାବରେ ହନନ କରାଯାଉଛି। ରାଜ୍ୟ ମାନଙ୍କର ହକକୁ ପ୍ରଦାନ କରାଯାଉନାହିଁ। ପଂଚାୟତ ରାଜ ଏବଂ ନଗର ପାଳିକା ବ୍ୟବସ୍ଥାକୁ ଆଜି ସଂପୂର୍ଣ୍ଣ ରୂପେ ଅଣଦେଖା କରାଯାଉଛି। ତେଣୁ ଭାରତ ବର୍ଷର ଜନସାଧାରଣଙ୍କର ରାଜନୈତିକ ନ୍ୟାୟକୁ ସୁରକ୍ଷା କରିବାପାଇଁ ରାହୁଲ ଗାନ୍ଧୀଙ୍କ ଏହି ଦୀର୍ଘଦିନର ନ୍ୟାୟ ଯାତ୍ରା। ଆଜିର ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ସୁରେଶ କୁମାର ରାଉତରାୟ, ବିଧାୟକ ଦାସରଥି ଗମାଙ୍ଗ, ଏଆଇସିସି ସମ୍ପାଦକ ଶରତ ରାଉତ, ପୂର୍ବତନ ସାଂସଦ ଅନନ୍ତ ପ୍ରସାଦ ସେଠୀ, ବରିଷ୍ଠ ଉପସଭାପତି ଶ୍ରୀ ଶିବାନନ୍ଦ ରାୟ, ମନୋରଜନ ଦାସ, ମୁଖପାତ୍ର ରଜନୀ ମହାନ୍ତି ଓ ସାମାଜିକ ଗଣମାଧ୍ୟମର ଅଧ୍ୟକ୍ଷ ଅମୀୟ ପାଣ୍ଡବ,



# ଜିନ୍ଦଲ ଷ୍ଟେନଲେସ୍ ୩୭ତମ ଜାତୀୟ କ୍ୱାଲିଟି କନସେପ୍ଟ ୨୦୨୩ରେ ୧୦ଟି ପୁରସ୍କାର ଜିତିଲା



ଯାଜପୁର,୧୧।୧(ପି.ଏନ): କ୍ୱାଲିଟି ସର୍କଲ ଫୋରମ୍ ଦ୍ୱାରା ଆୟୋଜିତ ୩୭ତମ ଜାତୀୟ ସମ୍ମିଳନୀରେ କ୍ୱାଲିଟି କନସେପ୍ଟ ୨୦୨୩ରେ ଭାରତର ସର୍ବବୃହତ ଷ୍ଟେନଲେସ୍ ଷ୍ଟିଲ୍ ନିର୍ମାତା ଜିନ୍ଦଲ ଷ୍ଟେନଲେସର ଯାଜପୁର ପ୍ଲାଂଟର କ୍ୱାଲିଟି ସର୍କଲ ଦଳ ଦଶଟି ପାର ଏକ୍ସଲେନ୍ସ ପୁରସ୍କାର ଜିତିଛି। ମହାରାଷ୍ଟ୍ରର ନାଗପୁରରେ ଆୟୋଜିତ ଏକ ଚାରି ଦିନିଆ କାର୍ଯ୍ୟକ୍ରମରେ ଘୋଷିତ ଏହି ସମ୍ମାନଜନକ ପୁରସ୍କାରଗୁଡିକ ଗୁଣାତ୍ମକ ପରିଚାଳନା ଅଭ୍ୟାସରେ ଉତ୍କର୍ଷତା ଏବଂ ନୂତନତ୍ୱ ପ୍ରତି କମ୍ପାନୀର ପ୍ରତିବଦ୍ଧତାକୁ ସମ୍ମାନିତ କରିଛି। ଏହି ବାର୍ଷିକ କାର୍ଯ୍ୟକ୍ରମର ୩୭ତମ ସଂସ୍କରଣ, ୬୦୦ରୁ ଅଧିକ ଶିଳ୍ପ ସଂସ୍ଥାନମାନଙ୍କର ଗୁଣବତ୍ତାକୁ ନେଇ ନାନା ସଫଳତାର କାହାଣୀ ଉପରେ ଆଲୋକପାତ କରିଥିଲା ।ଜିନ୍ଦଲ ଷ୍ଟେନଲେସରୁ ଅଂଶଗ୍ରହଣ କରିଥିବା ୧୦ଟି କ୍ୱାଲିଟି ସର୍କଲ ଦଳ୧୦ଟି ପାର- ଏକ୍ସଲେନ୍ସ ପୁରସ୍କାର ବ୍ୟତୀତ, ଗୁଣାତ୍ମକ ସର୍କଲ୍ ଦଳ ଜାତୀୟ ସ୍ତରୀୟ କୁଇଜ୍ ପ୍ରତିଯୋଗିତାରେ ଚାରୋଟି ସାନ୍ତ୍ୱନାମୂଳକ ପୁରସ୍କାର ଅର୍ଜନ କରିଥିଲେ। ମୂଲ୍ୟାଙ୍କନ ମାନଦଣ୍ଡରେ କେସ୍ ଷ୍ଟଡିଜ୍, ପ୍ରୋଜେକ୍ଟ ଜ୍ଞାନ ପରୀକ୍ଷା ଏବଂ ବିଷୟ-ନିର୍ଦ୍ଦିଷ୍ଟ ଉପସ୍ଥାପନାଗୁଡ଼ିକର ବିସ୍ତୃତ ସମୀକ୍ଷା କରାଯାଇଥିଲା । ଦଳଗୁଡିକ କେସ୍ ଷ୍ଟଡିଜ୍ ଦାଖଲ କରିଥିଲେ ଏବଂ ୫ଏସ, କାଇଜେନ୍, ଲିନ୍ କ୍ୱାଲିଟି ସର୍କଲ୍ ଇତ୍ୟାଦି ସହିତ ନିରନ୍ତର ଉନ୍ନତି ଏବଂ ଦକ୍ଷତା ପାଇଁ ସଂଗଠନରେ ବ୍ୟବହୃତ ବିଭିନ୍ନ ଧାରଣା ଉପରେ ଉପସ୍ଥାପନ କରିଥିଲେ ।ସେମାନଙ୍କ ସଫଳତା ପାଇଁ ଦଳକୁ ପ୍ରଶଂସା କରି ୟୁନିଟ୍ ହେଡ୍, ଜିନ୍ଦଲ ଷ୍ଟେନଲେସ୍, ଯାଜପୁର, ଶ୍ରୀ ଦୀପକ ଅଗ୍ରୱାଲ କହିଛନ୍ତି, "ଆମ ଦଳର ଚମତ୍କାର ପ୍ରଦର୍ଶନ କେବଳ ପୁରସ୍କାର ଅର୍ଜନ କରିନାହିଁ ବରଂ ଆମ ପ୍ଲାଂଟ ପାଇଁ ଏକ ଶକ୍ତିଶାଳୀ ପ୍ରେରଣା ସାଜିଛି । ଏହି ପୁରସ୍କାରଗୁଡିକ ଉଚ୍ଚ କାର୍ଯ୍ୟଦକ୍ଷତାର ସଂସ୍କୃତି ପ୍ରତିପାଦନ କରିବା ପାଇଁ ଆମର ପ୍ରତିବଦ୍ଧତାକୁ ଆହୁରି ଦୃଢ କରିଛି। ଉତ୍ସର୍ଗୀକୃତ ମନୋବୃତ୍ତି, ଅଭିନବତା ଏବଂ ଉତ୍କର୍ଷତା ଆମ ପାଇଁ କେବଳ ମୂଲ୍ୟ ନୁହେଁ ବରଂ ଆମର ସଫଳତାର ଚାବିକାଠି।








# ଟି ଟାଇମ୍

## ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଂଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିଡ଼ମ ଘାସ। କାର ନିର୍ମାତାମାନେ ସେହି ସିଡ଼ମ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚଳିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।

## ମୋଗଲ ଯୁଗର ଘଂଟେୱାଲା ଦୋକାନ




ଦିଲ୍ଲୀର ଚାନ୍ଦିନି ଚୌକ ସ୍ଥିତ ୨୨୫ବର୍ଷ ପୁରୁଣା ମିଠା ଦୋକାନ ଘଂଟେୱାଲାକୁ କ୍ରୟ କରିବା ପାଇଁ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା। ଏଥିପାଇଁ କିଛି ବ୍ୟବସାୟ ୧୦କୋଟି ଟଙ୍କାର ଅଫର ଦେଇଥିଲା ବେଳେ ଦୋକାନର ମାଲିକ ୧୦୦କୋଟିରୁ ଅଧିକ ଦାବି କରୁଥିବା କୁହାଯାଉଛି। ୧୭୯୦ ମସିହାରେ ମୋଗଲ ଶାସନ ସମୟରେ ଏହି ମିଠା ଦୋକାନର ଆରମ୍ଭ ହୋଇଥିଲା। ମିଠା ଏବଂ ନମକିନ ପାଇଁ ଏହି ଦୋକାନର ଖ୍ୟାତି ଖାଲି ଦିଲ୍ଲୀ ନୁହେଁ ଦେଶ ବାହାରେ ମଧ୍ୟ ରହିଛି। ତେବେ ବର୍ତମାନର ଦୋକାନ ମାଲିକ ସୁଶାନ୍ତ ଜୈନ ଏହି ଦୋକାନକୁ କିଛି ଦିନ ହେବ ବନ୍ଦ କରିଛନ୍ତି। ତାଙ୍କ ଯୁକ୍ତି ହେଉଛି ଯେ, କ୍ୱାଲିଟ କଂଟ୍ରୋଲ ବିଭାଗର ଚାପ ଯୋଗୁ ଦୋକାନ ଚଳାଇବା କଷ୍ଟ ହେଉଛି। ଏଥିସହ ଦୋକାନ ବନ୍ଦ କରିବାର ଅନ୍ୟ କାରଣ ମଧ୍ୟ ରହିଛି। ଦୋକାନ ବନ୍ଦ କାରଣରୁ ପୁରୁଣା ଦିଲ୍ଲୀର ଲୋକମାନଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି। ଦୋକାନ ବିକ୍ରି ହେବାର ଚର୍ଚ୍ଚା ଯୋର ଧରିଥିବାରୁ ବହୁ ଦୋକାନି ଦୋକାନ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ୧୦କୋଟିରୁ ଅଧିକ ଟଙ୍କାର ଅଫର ମଧ୍ୟ ସେମାନେ ଦେଲେଣି।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ୱା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ ୭ରୁ ୮ ଘଂଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ୱା ୨୦ମିନିଟ୍‌ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

# ପୁରାଣ କାହାଣୀ

## ନାରୀଙ୍କ ସାତଟି ବିଶେଷ ଗୁଣ



ଭଗବାନ ତାଙ୍କ ସୃଷ୍ଟିର ସମସ୍ତ ଜୀବଙ୍କ ଭିତରେ, ଆତ୍ମା ରୂପରେ ସମାନ ଭାବରେ ପୂରି ରହି ସମସ୍ତଙ୍କୁ ସଂଚାଳିତ କରୁଥିଲେ ମଧ ଭିନ୍ନ ଭିନ୍ନ ଲୋକଙ୍କର ପୃଥକ୍ ପୃଥକ୍ କର୍ମ ସମ୍ପାଦନ ନିମିତ ଶକ୍ତିର ବିଭିନ୍ନତା ଦୃଷ୍ଟିରୁ ସେମାନଙ୍କ ଭିତରେ ଭଗବାନ୍‌ଙ୍କ ବିଭୂତିର ତାରତମ୍ୟ ଦେଖାଦେଇଥାଏ । ସେହି ଦୃଷ୍ଟିରୁ ପିଲାମାନଙ୍କୁ ଜନ୍ମ ଦେଇ ସେମାନଙ୍କର ଲାଳନପାଳନ କରିବା ସହିତ ଅନ୍ୟମାନଙ୍କ ପ୍ରତି ଅନୁକମ୍ପା ପ୍ରଦର୍ଶନ କରି ପରିବାର ଏବଂ ସମାଜରେ ମାଧୁର୍ଯ୍ୟର ଭାବ ସୃଷ୍ଟି କରିବା ଭଳି କର୍ତବ୍ୟ ସମ୍ପାଦନ ପାଇଁ ଭଗବାନ୍ ତାଙ୍କ ବିଭୂତି ରୂପରେ ନାରୀମାନଙ୍କଠାରେ ସାତୋଟି ବିଶେଷ ଗୁଣ ରୂପରେ ପ୍ରକାଶ ହୋଇଛନ୍ତି । ସେହିଗୁଣଗୁଡ଼ିକ ହେଉଛି କୀର୍ତି, ଶ୍ରୀ, ବାକ୍, ସ୍ମୃତି, ମେଧା, ଧୃତି ଏବଂ କ୍ଷମା । ଭଗବାନ କୀର୍ତି ରୂପରେ ନାରୀମାନଙ୍କଠାରେ ପ୍ରକାଶିତ ହୋଇ ନାରୀଙ୍କର ପବିତ୍ରତା, ନିଷ୍କଳଙ୍କ ଚରିତ୍ର ଏବଂ ସଦାଚରଣର ଭାବକୁ ନେଇ ତାଙ୍କର ସୁଖ୍ୟାତି ପ୍ରକାଶ କରିଛନ୍ତି । ସେହି ଦୃଷ୍ଟିରୁ ନାରୀମାନେ ତାଙ୍କ ଉପରେ ନିର୍ଭରଶୀଳ ତାଙ୍କ ପରିବାରର ସମସ୍ତ କାମସବୁ ଠିକ୍ ସମୟରେ କରିଦେବା ଦରକାର । ଏହାଦ୍ୱାରା ପରିବାରବର୍ଗ ଆନନ୍ଦପ୍ରାପ୍ତ ହେବେ ଓ ପରିବାରରେ ଶାନ୍ତିର ବାତାବରଣ ସୃଷ୍ଟି ହେବ ।

ଭଗବାନ୍ ନାରୀମାନଙ୍କ ଶରୀରରେ ମେଧା ରୂପରେ ନିବାସ କରିଥାଆନ୍ତି । ଏହା ହେଉଛି ଧୀଶକ୍ତି ବା ଧାରଣ କରିବାର ଶକ୍ତି । ଏହି ଶକ୍ତିସମ୍ପନ୍ନ ବ୍ୟକ୍ତିକୁ ଯାହା ଥରେ ଶିଖାଇ ଦିଆଯାଏ ସେ ତାହା ସହଜରେ ମନେ ରଖିଥାଆନ୍ତି, ଏପରିକି କେତେକ ବିଷୟ ଜୀବନର ଶେଷ ପର୍ଯ୍ୟନ୍ତ ତାଙ୍କ ମନରେ ରହିଯାଇଥାଏ । ନାରୀମାନଙ୍କ ମେଧା ଦୃଷ୍ଟିରୁ ସେମାନେ ସମସ୍ତ କାମକୁ ଶୀଘ୍ର ବୁଝିଥାନ୍ତି ଓ ବିରକ୍ତି ପ୍ରକାଶ ନକରି ସେ ସବୁର ସମ୍ପନ୍ନ କରିବା ନାରୀପକ୍ଷେ ସହଜସାଧ୍ୟ ହୋଇଥାଏ । ଏହି ଦୃଷ୍ଟିରୁ ଯାହାର ଧୀଶକ୍ତି ଯେତେ ପ୍ରଖର ତା’ର ସେତିକି ଅଧିକ ଆଦର । ଭଗବାନଙ୍କ ବିଭୂତି ଆତ୍ମବଳ ରୂପରେ ନାରୀଙ୍କଠାରେ ପ୍ରକଟିତ ହୋଇ ତାଙ୍କୁ ପ୍ରଦାନ କରୁଥିବା ଧୈର୍ଯ୍ୟ ବା ଧାରଣ କରିବାର ଶକ୍ତି ହେଉଛି ଧୃତି । ଯାହାର ଜୀବନରେ ଧୃତି କମିଯାଏ ସେ ବିଶେଷ ଶକ୍ତିଶାଳୀ ହୋଇ ପାରିନଥାନ୍ତି ଏବଂ ଜୀବନରେ ସଫଳ ହୋଇପାରି ନଥାନ୍ତି । ଦଣ୍ଡ ଦେବାର ଶକ୍ତିଥିଲେ ମଧ୍ୟ ଅପରାଧକୁ ଭୁଲି, ଅପରାଧୀକୁ କିଛି ଦଣ୍ଡ ନ ଦେବା ହେଉଛି କ୍ଷମା। ବିଭୂତି ରୂପରେ ନାରୀମାନଙ୍କ ପାଖରେ ଭଗବାନ ରହି ସେମାନଙ୍କ ସ୍ୱଭାବସୁଲଭ କର୍ତବ୍ୟ ପାଳନ ପାଇଁ ଏହି ସଦ୍‌ଗୁଣର ବିଶେଷ ପ୍ରଭାବ ଅଛି। ଭଗବାନ ତାଙ୍କ ବିଭୂତି ରୂପରେ ପ୍ରକାଶ କରିଥିବା ସାତୋଟି ଗୁଣକୁ ଧାରଣ କରିଥିବା ଜଣେ ଆଦର୍ଶ ନାରୀ ସତୀସାଧ୍ୱୀ ରୂପରେ ଏତେ ଉପରକୁ ଉଠି ଯାଇପାରିବେ ଯେପରି ଲୋକେ ମନେ କରିବେ ଯେ ଜଣେ ଦେବୀ ସ୍ୱର୍ଗରୁ ପୃଥିବୀକୁ ଓହ୍ଲାଇ ଆସିଛନ୍ତି । ସେତେବେଳେ ସେ ପୃଥିବୀ ପରି କ୍ଷମାଶୀଳ, ସମୁଦ୍ର ପରି ଗମ୍ଭୀର, ଗଙ୍ଗା ମାତାଙ୍କ ପରି ପାବନୀ ଏବଂ ଦୃଷ୍ଟଙ୍କ ପାଇଁ ପ୍ରଜ୍ୱଳିତ ଅଗ୍ନିସ୍ୱରୂପ ହୋଇଯାଇପାରେ । ସେ ସମସ୍ତଙ୍କୁ ଶୀତଳତାର ସ୍ପର୍ଶ ଦେଇପାରିବ ଓ ଆକାଶ ପରି ସମସ୍ତଙ୍କୁ ଧାରଣ କରିପାରିବ ।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ଏକାଧିକ ବିବାହ କରନ୍ତି ଖାସି ସମ୍ପ୍ରଦାୟର ମହିଳା



ବିଶ୍ୱର ବିଭିନ୍ନ ଦେଶରେ ଭଳିକିଭଳି ଆଦିବାସୀ ଅଛନ୍ତି । ସେମାନଙ୍କ ସଂସ୍କୃତି ଓ ପରମ୍ପରା କୌଣସି ରହସ୍ୟଠାରୁ କିଛି କମ୍ ନୁହେଁ । ମେଘାଳୟରେ ରହୁଥିବା ଖାସି ସମ୍ପ୍ରଦାୟର ମହିଳାଙ୍କ ହାତରେ ପରିବାରର ଦାୟିତ୍ୱ ନ୍ୟସ୍ତ ହୋଇଥାଏ । ଏହି ସମ୍ପ୍ରଦାୟର ପୁରୁଷମାନେ ବିବାହ ପରେ ଶ୍ୱଶୁର ଘରେ ଯାଇ ରୁହନ୍ତି । ଏଠାରେ ପୁରୁଷମାନଙ୍କୁ ଘରର ସବୁକାମ କରିବାକୁ ହୋଇଥାଏ। ବାହାରର ସବୁ କାମ ମହିଳା କରନ୍ତି । ମେଘାଳୟରେ ଥିବା ବଜାରଗୁଡ଼ିକର ଦୋକାନରେ ମହିଳା କାମ କରନ୍ତି। ଖାସି ସମ୍ପ୍ରଦାୟରେ ଘରର ସାନ ଝିଅକୁ ସବୁଠୁ ଅଧିକ ସମ୍ପତି ମିଳିଥାଏ । ଏହି କାରଣରୁ ଘରର ସାନଝିଅ ମାତା-ପିତା, ଅବିବାହିତା ପୁଅ-ଝିଅଙ୍କର ଦେଖାଶୁଣା କରିଥାଏ। ଏହି ସମ୍ପ୍ରଦାୟର ଛୋଟ ଝିଅମାନେ ପିଲାଦିନେ ପଶୁହାଡ଼ରେ ଖେଳନ୍ତି । ଏଗୁଡ଼ିକ ସେମାନେ ଆଭୂଷଣଭାବେ ବ୍ୟବହାର କରନ୍ତି । ଖାସି ସମ୍ପ୍ରଦାୟର ପରିବାରଗୁଡ଼ିକ ମହିଳା କେନ୍ଦ୍ରିକ ପରିବାର। ଅନେକ ଦିନ ପୂର୍ବରୁ ଏହି ସମ୍ପ୍ରଦାୟର ପୁରୁଷମାନେ ଯୁଦ୍ଧକୁ ପଳାଇ ଯାଇଥିଲେ ଓ ମହିଳାଙ୍କୁ ଛାଡ଼ି ଦେଇ ଯାଇଥିଲେ । ଏଥିଯୋଗୁଁ ପୁଅଝିଅମାନଙ୍କୁ ଘରର ମହିଳାମାନେ ସେମାନଙ୍କ ଉପନାମ ଦେଉଥିଲେ । ସେହିଭଳି ଖାସି ମହିଳାଙ୍କର ଅନେକ ଜୀବନସାଥୀ ଥାଏ । ତେଣୁ ପିଲାମାନଙ୍କୁ ମହିଳାମାନେ ସେମାନଙ୍କର ଉପନାମ ଦେଉଥିଲେ । ଏହି ସମ୍ପ୍ରଦାୟରେ କନ୍ୟା ସନ୍ତାନ ଜନ୍ମନେଲେ ମହିଳାମାନେ ଖୁସି ମନାନ୍ତି ।

## ଖାଦ୍ୟରେ ଟଏଲେଟ୍ ବ୍ରସ୍

ବ୍ରିଟେନ୍‌ରେ ରହୁଥିବା ଦୁଇବର୍ଷର ଲିଲି ନାମକ ଏକ ଛୋଟ ଝିଅ । ଯିଏ ଏକ ଭିନ୍ନ ଅଭ୍ୟାସରେ ପଡିଯାଇଛି । ତାକୁ ସାମାନ୍ୟ ଦ୍ରବ୍ୟ ଖାଇବାର ରୁଚି ବହୁତ କମ୍ ଥାଏ। ଡାକ୍ତରଙ୍କ ମତ ଅନୁସାରେ ଲିଲି ପିକା ନାମକ ଏକ ରୋଗରେ ପୀଡିତ । ଏହି ରୋଗ କାରଣରୁ ଲିଲିକୁ ଟଏଲେଟ୍ ସଫା କରାଯାଉଥିବା ବ୍ରସ୍ ଏବଂ କପଡା ଖାଇବାର ଅଭ୍ୟାସ ରହିଛି । ଡାକ୍ତର ମଧ ଲିଲିର ଏପରି ବ୍ୟବହାରରେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି । କେତେବେଳେ ଲିଲି କାହାର ନଜର ଆଢୁଆଳରୁ ଖସିଯିବାରେ ସଫଳ ହୋଇଛି । ଏହାପରେ ସେ ସିଧା ବାଥ୍‌ରୁମ୍ ଭିତରେ ପସିଯାଏ ଏବଂ ସେଠାରେ ରଖାଯାଇଥିବା କପଡା ଏବଂ ଟଏଲେଟ୍ ବ୍ରସ୍‌କୁ ଖାଇବା ଆରମ୍ଭ କରିଦେଇଥାଏ ।

## ଓଲଟା ଚାଲିବାର ଅଭ୍ୟାସ



ଦୁନିଆରେ ଭିନ୍ନ ଭିନ୍ନ କାହାଣୀ ବହନ କରୁଥିବା ଲୋକ ବାସବାସ କରନ୍ତି। ଏବେ ଦେଖନ୍ତୁ ତାମିଲ୍‌ନାଡୁର ତ୍ରିପୁରାରେ ରହୁଥିବା ମଣିମଣିଥନ୍ ଯିଏ ଓଲଟା ଚାଲିଥାନ୍ତି। ୧୯୮୯ରେ ଦେଶଯାକରେ ସୃଷ୍ଟି ହୋଇଥିବା ଆତଙ୍କ ଘଟଣାରେ ଆହତ ହୋଇଥିଲେ ତ୍ରିପୁରାର ମଣିମଣିଥନ୍। ବିଶ୍ୱଶାନ୍ତି ପ୍ରତିଷ୍ଠା ପାଇଁ ଓଲଟା ଚାଲିବା ତାଙ୍କର ଏକ ଅଭିନବ ପ୍ରୟାସ ବୋଲି ମଣି କହନ୍ତି। ଦୀର୍ଘ ୨୬ବର୍ଷ କାଳ ଏଭଳି ଅଜବ୍ ଢ଼ଙ୍ଗରେ ଚାଲିବା ଅଭ୍ୟାସ ଜାରି ରଖିଛନ୍ତି। ତେବେ ଚାଲିବା ସମୟରେ ତାଙ୍କୁ ସଡକ ପାର କରିବାକୁ ପଡୁ କି ସିଡି ଚଢିବାକୁ ହେଉ ସେ ସଦାସର୍ବଦା ଓଲଟା ହିଁ ଚାଲିଥାନ୍ତି। ଫଳରେ ସିଧା ଚାଲିବା ସେ ସମ୍ପୂର୍ଣ୍ଣ ରୂପେ ଭୁଲି ଗଲେଣି ଏବଂ ଓଲଟା ଚାଲିବା ନିତିଦିନିଆ ଅଭ୍ୟାସରେ ପରିଣତ ହୋଇଗଲାଣି।

## ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ୍ୟ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।




# ଜାଗ ଓଡ଼ିଆ



ଭାଷାକୁ ଭିତ୍ତି କରି ୧୯୩୬ ମସିହା ଏପ୍ରିଲ ୧ ତାରିଖରେ ସ୍ୱତନ୍ତ୍ର ରାଜ୍ୟଭାବେ ସ୍ୱୀକୃତି ପାଇଲା ଆମ ରାଜ୍ୟ ଓଡ଼ିଶା। କିଛି ବର୍ଷ ତଳେ ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ମିଳିଲା। ଏହା ଆମ ଭାଷା ଓ ଜାତି ପାଇଁ ଗୌରବର ବିଷୟ କିନ୍ତୁ ବିଡ଼ମ୍ବନା, ଯେଉଁ ସମୟରେ ଆମେ ଭାଷାକୁ ନେଇ ଜାତୀୟ ଅନ୍ତର୍ଜାତୀୟ ସ୍ତରରେ ନୂଆ ନୂଆ ପ୍ରସ୍ତାବ ଓ ପ୍ରକଳ୍ପ ଉପସ୍ଥାପନ କରି ସମସ୍ତଙ୍କୁ ଚମତ୍କୃତ କରୁଥାନ୍ତୁ, ସେହି ସମୟରେ ଆମ ଭାଷାର ଅସୁରକ୍ଷିତ ସ୍ଥିତି ନେଇ ଆମେ ସତରେ ବା ମିଛରେ ବ୍ୟସ୍ତବିବ୍ରତ। ଯେଉଁମାନେ ଏଥିପାଇଁ ଚିନ୍ତିତ, ସେମାନେ ସମସ୍ତେ ଶିକ୍ଷିତ ଲୋକ। କହିବା ବାହୁଲ୍ୟ ଯେ ସେଇ ଶିକ୍ଷିତ ଓ ଉଚ୍ଚଶିକ୍ଷିତମାନେ ହିଁ ମାତୃଭାଷା ଓଡ଼ିଆକୁ ହୀନ ଚକ୍ଷୁରେ ଦେଖୁଥିବାରୁ ଆଜିର ସ୍ଥିତି ସୃଷ୍ଟି ହୋଇଛି। କେବଳ ଖବରକାଗଜରେ କିଛି ଲେଖା ଲେଖି ବା ସଭାରେ ବକ୍ତୃତା ଦେଇ ବୁଦ୍ଧିଜୀବୀମାନେ ନିଜର କର୍ତ୍ତବ୍ୟ ଶେଷ ହୋଇଗଲା ବୋଲି ଭାବୁଛନ୍ତି। ଓଡ଼ିଆ ଭାଷାକୁ ଏମାନେ ହିଁ ସଂକଟଗ୍ରସ୍ତ କରିଛନ୍ତି, ସାଧାରଣ ଲୋକେ ତାକୁ ଏପର୍ଯ୍ୟନ୍ତ ବଞ୍ଚାଇ ରଖିଛନ୍ତି। ଯେଉଁମାନେ ଉଚ୍ଚଶିକ୍ଷିତ ନୁହଁନ୍ତି, ସେମାନେ ଆଜି ଓଡ଼ିଆ କହନ୍ତି, ଓଡ଼ିଆ ପଢ଼ନ୍ତି, ଓଡ଼ିଆ ଗୀତ ଗାଆନ୍ତି, ଓଡ଼ିଆ ଚଳଚ୍ଚିତ୍ର ଦେଖନ୍ତି। ଯେଉଁମାନେ ଉଚ୍ଚଶିକ୍ଷିତ, ସେମାନେ ହିନ୍ଦୀ, ଇଂରାଜୀ ପ୍ରେମରେ ଏତେ ମତ୍ତ ଯେ ଓଡ଼ିଆକୁ ନାକ ଟେକନ୍ତି। ତେଣୁ ଓଡ଼ିଆ ଭାଷାକୁ ସତରେ ଯଦି ସୁରକ୍ଷିତ ରଖିବାର ଅଛି ତେବେ ଏମାନଙ୍କୁ ପ୍ରଥମେ ଛଳନା ଓ ପ୍ରବଞ୍ଚନା ଛାଡ଼ିବାକୁ ହେବ। ଯେଉଁମାନେ ସତକୁସତ ଓଡ଼ିଆ ଭାଷାକୁ ଭଲ ପାଉଛନ୍ତି, ସେମାନେ ନିଜେ ଓଡ଼ିଆ କହିବା ସହିତ ଅନ୍ୟକୁ ଓଡ଼ିଆ କହିବା, ଲେଖିବାରେ ପ୍ରେରଣା ଦିଅନ୍ତୁ। ବ୍ୟବସାୟିକ ସଂସ୍ଥାର ନାମଫଳକଠୁ ଆରମ୍ଭ କରି ନିମନ୍ତ୍ରଣ ପତ୍ର ଯାଏଁ ସବୁଠି ଓଡ଼ିଆ ଲେଖାଯାଉ। ଦୁଃଖର କଥା, ଆଜିକାଲି ଯେଉଁଠି ବି ଓଡ଼ିଆ ଦେଖିବାକୁ ମିଳୁଛି ଅଧିକାଂଶ ଅଶୁଦ୍ଧ ଓ ବିକୃତ ଓଡ଼ିଆ। ସେସବୁକୁ ତୁରନ୍ତ ଶୁଦ୍ଧ ଓଡ଼ିଆରେ ଲେଖିବାର ବନ୍ଦୋବସ୍ତ କରାଯାଉ। ଯେଉଁମାନେ ବିଜ୍ଞ, ସେମାନେ ଅଜ୍ଞମାନଙ୍କୁ ଦିଗ୍‌ଦର୍ଶନ ଦିଅନ୍ତୁ। ସବୁ ଗଣମାଧ୍ୟମ ମଧ୍ୟ ଭାଷାକୁ ଅଧିକ ଗୁରୁତ୍ୱ ଦିଅନ୍ତୁ ଓ ଖେଚୁଡ଼ି ଭାଷାରୁ ଦୂରେଇ ରହନ୍ତୁ। ପ୍ରଥମଥର ପାଇଁ ଭାଷାକୁ ନେଇ ଗଠିତ ହୋଇଥିବା ରାଜ୍ୟରେ ସେଇ ଭାଷାକୁ ହିଁ ଏତେ ଅବହେଳା ଦେଖି ଆଶ୍ଚର୍ଯ୍ୟ ଓ ଦୁଃଖିତ ହେବାକୁ ପଡୁଛି। ସରକାରୀ କ୍ଷେତ୍ରରେ ଓଡ଼ିଆ କାହିଁକି ପ୍ରଚଳନ ହେଉନାହିଁ ବୋଲି କୋଉକାଳୁ ହୁରି ପଡ଼ିଛି କିନ୍ତୁ ସାଧାରଣ କ୍ଷେତ୍ରରେ ଓଡ଼ିଆର ବହୁଳ ବ୍ୟବହାର ହେଲେ ଏବଂ ସଚେତନ ନାଗରିକ ସମାଜ ପକ୍ଷରୁ ଚାପ ପଡ଼ିଲେ ସରକାର ଆପେ ସୁଧୁରିବେ। ଏ ପର୍ଯ୍ୟନ୍ତ କେବଳ ବ୍ୟକ୍ତିଗତ ସ୍ତରରେ ସ୍ୱର ଉତ୍ତୋଳନ ହୋଇ ଆସିଛି, ଏଥର ସାମୂହିକ ଚାପ ପକାଇବା ଆରମ୍ଭ ହେଉ। କେବଳ ଭାଷା କ୍ଷେତ୍ରରେ ନୁହେଁ, ଆମେ କଳା, ସାହିତ୍ୟ, ସଂସ୍କୃତି, ବିଜ୍ଞାନ ଆଦି ପ୍ରତ୍ୟେକ କ୍ଷେତ୍ରରେ ପରସ୍ପରଠାରୁ ବିଚ୍ଛିନ୍ନ ହୋଇ ରହିଛୁ, ଛିନ୍ନମୂଳ ହେବାକୁ ବସିଛୁ। ଆମର ଅତୀତ ଯେତିକି ସଂଗ୍ରାମମୟ ଥିଲା, ହୁଏତ ଆଜି ତାହା ନାହିଁ ଅଥଚ ଆମେ ଆଗ ଅପେକ୍ଷା ଅଧିକ ନିଷ୍ପ୍ରଭ ମନେହେଉଛୁ। ଆମ ଭିତରେ ପୂର୍ବଭଳି ସେହି ସ୍ୱାଭିମାନ ନାହିଁ, ଯାହା ଆମକୁ ଜାତୀୟ ଜୀବନକୁ ପ୍ରଭାବିତ କଲା ଭଳି ଶକ୍ତି ପ୍ରଦାନ କରିବ। ସରକାର କହୁଛନ୍ତି ଆମ ରାଜ୍ୟରେ ଦାରିଦ୍ର୍ୟ କମିଛି, କିନ୍ତୁ ମନର ଦାରିଦ୍ର୍ୟ ସେତେଯେମିତି ବଢ଼ିଚାଲିଛି। ଲୋକଜୀବନକୁ ଯଥାର୍ଥ ବାଟରେ ନେବା ପାଇଁ ଯେଉଁମାନେ ଦିଗବାରେଣି ହୁଅନ୍ତେ, ସେହି ପାଠପଢୁଆ, ଶିକ୍ଷିତ ଗୋଷ୍ଠୀଟି ଏତେ ସ୍ୱାର୍ଥପର ଓ ପ୍ରବର୍ତ୍ତକ ହୋଇଯାଇଛନ୍ତି ଯେ ଆପଣା ଚିନ୍ତା ଛଡ଼ା ମୁହୂର୍ତ୍ତେ ବି ଅନ୍ୟ ଶୋଷିତ, ବଞ୍ଚିତଙ୍କ ପାଇଁ ଭାବିବାକୁ କୁଣ୍ଠିତ। ଆମ ଭିତରୁ ଅଧିକାଂଶ ଏବେ କୌଣସି ସ୍ୱାଧୀନ ଓ ସ୍ୱତନ୍ତ୍ର ଚିନ୍ତା କରିବାରେ ଅକ୍ଷମ। ସରକାରୀ ନୀତି ଏଥିପାଇଁ ଦାୟୀ ହୋଇଥିଲେ ହେଁ ଆମେ ନିଜେ ମଧ୍ୟ କ'ଣ କମ ଦାୟୀ? ସରକାର ବା ପ୍ରଶାସନ ଉପରେ ଅତ୍ୟଧିକ ନିର୍ଭରଶୀଳତା ଆମର ସ୍ୱାଭିମାନକୁ ନଷ୍ଟ କରିସାରିଛି। ଏଥିରୁ ଉଧୁରିବାକୁ ହେଲେ ଆମକୁ ଆତ୍ମନିର୍ଭରଶୀଳ ହେବାକୁ ପଡ଼ିବ। ପ୍ରକୃତ ଶିକ୍ଷା ଆମକୁ ଏ ଦିଗରେ ସାହାଯ୍ୟ କରିବ। କେବଳ ଅତୀତକୁ ଝୁରିହେଲେ କିଛି ହେବନାହିଁ ବର୍ତ୍ତମାନକୁ ସୁଦୃଢ଼ କରିବା ପାଇଁ ଉଦ୍‌ଯୋଗ କରିବାକୁ ହେବ। ରାଜନୀତିକୁ ପଛରେ ପକାନ୍ତୁ ସବୁଠାରୁ ବଡ଼ ହେଉଛି ଆମ ରାଜ୍ୟର ସଂକଳ୍ପବଦ୍ଧ ଭାଷା ପ୍ରୀତି ଓ ଭଲପାଇବା। ଏହାକୁ ଆମେ ସମସ୍ତେ ଏକ ଆହ୍ୱାନ ଭାବେ ଗ୍ରହଣ କରିବା କଥା। ଏହା ହିଁ ଆମର ଓ ଆମ ଜାତିର ଏକ ସୁନ୍ଦର ଭବିଷ୍ୟତ ନିର୍ମାଣ କରିବ। ଓଡ଼ିଶା ଦିବସରେ ଆମେ ଏସବୁ ପ୍ରତି ଜାଗ୍ରତ ରହିବାକୁ ସଂକଳ୍ପ କରିବା।

## ଚିତ୍ରଶିଳ୍ପୀ ହିମାଂଶୁ ଦାସଙ୍କୁ ସମ୍ବର୍ଦ୍ଧନା



କେନ୍ଦ୍ରାପଡ଼ା (ପିଏନ୍): ରାଜ୍ୟରେ ଚିତ୍ରକଳା କ୍ଷେତ୍ରରେ ଜଣେ ପ୍ରତିଭାବାନ ଯୁବ ଚିତ୍ରଶିଳ୍ପୀ ଭାବେ ହିମାଂଶୁ କୁମାର ଦାସଙ୍କୁ କଟକର ଶ୍ରୀ ଚନ୍ଦନ ସାହିତ୍ୟ ସଂସ୍କୃତି ଏକାଡେମୀ, ରାଉରକେଲାର ଅଗ୍ନିସ୍ଫୁଲିଙ୍ଗ ଏବଂ କଟକର ଓଡିଶା ପୂଜ୍ୟପୂଜା ପରିଷଦର ମିଳିତ ଆନୁକୁଲ୍ୟରେ କଟକ ଗୌରୀଶଙ୍କର ସ୍ଥିତ କର୍ମବୀର ଟାଉନ ହଲ୍ ପରିସରରେ ଅନୁଷ୍ଠିତ ରାଜ୍ୟସ୍ତରୀୟ କଳାକାର ସମାବେଶ ତଥା ସାରସ୍ୱତ ସମ୍ବର୍ଦ୍ଧନା ମହୋତ୍ସବରେ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ଉତ୍ସବକୁ ଜୟନ୍ତ ଚନ୍ଦ୍ର ମର୍ଦ୍ଦରାଜ ଉଦ୍‌ଘାଟନ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ପୂର୍ବତନ ସାଂସଦ ଡଃ. ପ୍ରସନ୍ନ ପାଟ୍ଟଶାଣୀ, ମୁଖ୍ୟବକ୍ତା ଭାବେ ଡଃ. ହୁସେନ ରବି ଗାନ୍ଧି ଓ ସମ୍ମାନୀତ ଅତିଥି ଭାବେ ଗୋପିନାଥ ପଟ୍ଟନାୟକ, ନୀଳଗିରିର ରାଜା ସାହେବ ହରିଚନ୍ଦନ, ନୀଳଗିରିର ରାଣୀ ମନୋଜା ମଞ୍ଜରୀ ଦେବୀ, ଅଧ୍ୟକ୍ଷ ଆର୍ଯ୍ୟକବି ପଣ୍ଡିତ ଡଃ. ପ୍ରମୋଦ କୁମାର ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଲବ୍ଧପ୍ରତିଷ୍ଠିତ ଚିତ୍ରଶିଳ୍ପୀ ହିମାଂଶୁ କୁମାର ଦାସଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଏବଂ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା।

## ଗାୟକ ସ୍ୱରସୁଧାଙ୍କ ସ୍ମୃତିଚାରଣ ସଭା

ଖୋର୍ଦ୍ଧା (ପିଏନ)- ସ୍ୱନାମଧନ୍ୟ ଆକାଶବାଣୀ ଓ ଦୂରଦର୍ଶନ କେନ୍ଦ୍ରରେ ବି ଗ୍ରେଡ ମାନ୍ୟତା ପ୍ରାପ୍ତ ଧୁଡୁକି ,ଏକତାରା ବାଦକ ଓ ଗାୟକ ସ୍ୱରସୁଧା ସ୍ୱର୍ଗତଃ ରମେଶ ଚନ୍ଦ୍ର ମହାପାତ୍ରଙ୍କ ଦ୍ୱାଦଶାହ ପାଳନ ଅବସରରେ ବେଗୁନିଆ ବ୍ଲକ ଅନ୍ତର୍ଗତ କଂଟାବାଡ ଗ୍ରାମସ୍ଥିତ ନିଜ ବାସଭବନ ପରିସରରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏ ନେଇ ଶିକ୍ଷକ ଅଖିଳେଶ ମହାପାତ୍ର ସଂଯୋଜନା ଓ ଶିକ୍ଷାବିତ୍ ରାଜ କିଶୋର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବୋଲଗଡ ପରମାନନ୍ଦ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ମୁଖ୍ୟ ଅତିଥି,ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନଳିନୀକା' ପଣ୍ଡା ମୁଖ୍ୟବକ୍ତା ଓ ଗାୟକ ମିହିର ଆଚାର୍ଯ୍ୟ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କଳାକାର ତାର କୀର୍ତି ଓ କୃତି ପାଇଁ ସର୍ବଦା ଅମର ରହିଥାଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସଭାର ପ୍ରାରମ୍ଭରେ ଦିବଂଗତଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହ ଅମର ଆତ୍ମାର ସଗଗତି ନିମିତ



ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଶିକ୍ଷକ ସନ୍ତୋଷ ମହାପାତ୍ରଙ୍କ ବେଦପାଠ ଓ ଶିକ୍ଷୟିତ୍ରୀ ପ୍ରତିମା ପ୍ରଧାନଙ୍କ ଶ୍ରଦ୍ଧାଞ୍ଜଳୀ ସଙ୍ଗୀତ ପରିବେଷଣ ପରେ "ଅନନ୍ୟ ପ୍ରତିଭା" ନାମକ ଏକ ସ୍ମରଣିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ । ଦିବଂଗତଙ୍କ ସ୍ମୃତିରେ ପ୍ରଫେସର ଶ୍ରୀ ପାଣିଗ୍ରାହୀଙ୍କ ରଚନା ଓ ସ୍ୱର ସଂଯୋଜନାରେ ଧୁଡୁକି ବାଦକ ସଞ୍ଜୟ କୁମାର ମହାନ୍ତି ଓ ତାଙ୍କ ସାଥି ସୁକାନ୍ତ କୁମାର ଭକ୍ତି ସଙ୍ଗୀତ ଗାନ କରିଥିଲେ । ଏଥିରେ ଡଃ ଶରତ କୁମାର ଚଉଁରୀ, ସନ୍ତୋଷ ଦାସ, ରବି ଦାଶ, ଯଜ୍ଞେଶ୍ୱର ମଙ୍ଗରାଜ, ପଣ୍ଡିତ ରଞ୍ଜନ କୁମାର ଦାଶ, ବିନୋଦ ବିହାରୀ ରାଉତରାୟ, ଗଙ୍ଗାଧର ଓଝା, ସୁଧାକର ସେଠୀ, ସନ୍ଧ୍ୟାରାଣୀ ରାଣୀ ମହାପାତ୍ର, ସୁଦୀକ୍ଷା ମହାପାତ୍ର ଓ ସବିତା ଶୁକ୍ଳା ସମେତ ବହୁ ବ୍ୟକ୍ତି ଉପସ୍ଥିତ ରହି ସ୍ମୃତିଚାରଣ କରିଥିଲେ । ଶେଷରେ କଣ୍ଠଶିଳ୍ପୀ ସଂଜୟ କୁମାର ପାଣିଗ୍ରାହୀ ଅନ୍ତିମ ସଙ୍ଗୀତ ଗାନ କରିଥିବା ବେଳେ କନିଷ୍ଠ ଭ୍ରାତା ସୁରେଶ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଅନ୍ଧାରୁଆରେ ବିଶ୍ୱଶାନ୍ତି ଯଜ୍ଞ

ଭୁବନେଶ୍ୱର (ପିଏନ୍): ଚଳିତ ଫାଲଗୁନ ମାସ ଶୁକ୍ଳପକ୍ଷ ଦଶମୀ, ଇଂରାଜୀ ତା୧୩.୦୩. ୨୦୨୨ରିଖ ରବିବାର ଦିନ ଅନ୍ଧାରୁଆ ଗ୍ରାମସ୍ଥିତ ପ୍ରବୁଦ୍ଧ ବିହାର (ପାଦପଦ୍ମ ମୁଣ୍ଡିଆ)ଠାରେ ବ୍ରହ୍ମ ଅବଧୂତ ଜୟକୃଷ୍ଣ ବାବାଙ୍କ ନିର୍ଦ୍ଦେଶ ଅନୁସାରେ ଏବଂ ବ୍ରହ୍ମ ଅବଧୂତ ବ୍ରଜବନ୍ଧୁ ବାବାଙ୍କ ଅଧକ୍ଷତାରେ ବାର୍ଷିକ ମହୋତ୍ସବ ପାଳିତ ହୋଇଯାଇଅଛି। ଉକ୍ତ ମହତ କାର୍ଯ୍ୟାନୁଷ୍ଠାନରେ ମହିମା ଧର୍ମ ସମାଜର ପର ସନ୍ନ୍ୟାସୀ ଓ ଅପର ସନ୍ନ୍ୟାସୀ ସାଧୁବୃନ୍ଦ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ। ଉକ୍ତ ଶୁଭ କାର୍ଯ୍ୟ ଅବସରରେ ଅଖଣ୍ଡ ଘୃତାବତୀ ପ୍ରଜ୍ଜ୍ୱଳନ, ବ୍ରହ୍ମ ଧୂନୀ ସ୍ଥାପନ, ମହିମା ବାଲ୍ୟଲୀଳା, ପ୍ରଭୁ ନାମ ଭଜନ ଗାୟନ, ଧର୍ମସଭା ଓ ବିଶ୍ୱ ଜଗତର ମଙ୍ଗଳ ନିମନ୍ତେ ଅଲେଖ ମହାପ୍ରଭୁଙ୍କଠାରେ ସମବେତୀ ପ୍ରାର୍ଥନାଦି କାର୍ଯ୍ୟକ୍ରମ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ଅନ୍ଧାରୁଆ ଗ୍ରାମବାସୀ ଓ ମହିମା ଧର୍ମର ଭକ୍ତବୃନ୍ଦମାନେ ସୁଚାରୁରୂପେ ପରିଚାଳନା କରିଥିଲେ ବୋଲି ଭକ୍ତ ନାରାୟଣ ଖୁଣ୍ଟିଆ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଥିଲେ।

### ହୃଦ୍‌ଘାତରେ ଧର୍ମପରାୟଣ ବ୍ୟକ୍ତିଙ୍କ ମୃତ୍ୟୁ

ଖୋର୍ଦ୍ଧା (ପିଏନ)- ବେଗୁନିଆ ବ୍ଲକ ବାଘମାରୀ ପଂଚାୟତ ଅନ୍ତର୍ଗତ ଶରଧାପୁର ଗ୍ରାମର ଅସରଫ ଖାନ ୬୨ ବର୍ଷ ବୟସରେ ହୃଦଘାତରେ ନିଜ ବାସଗୃହରେ ମୃତ୍ୟୁବରଣ କରିଛନ୍ତି। ସେ ଜଣେ ସରଳ, ନିଷ୍କପଟ, ଧୀର, ଶାନ୍ତ ଓ ଧର୍ମପରାୟଣ ବ୍ୟକ୍ତି ଭାବରେ ଜଣାଶୁଣା ଥିଲେ। ତାଙ୍କ ମରଶରୀରକୁ ଧାର୍ମିକ ରୀତିନୀତି ଅନୁଯାଇ ଗ୍ରାମ୍ୟ କବର ସ୍ଥାନରେ କବର ଦିଆଯାଇଥିଲା। ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳି ଯାଇଛି।

# ଚେନ୍ନାଇରେ ଚାଇନା ଲବି

ଭାରତର ମୋଟ ଜିଡିପି ଯେତେ ଆପଲ କମ୍ପାନୀର ବାଣିଜ୍ୟ ସେତେ ବୋଲି ଖବର ପ୍ରକାଶ ପାଇଛି । ତିନି ଟ୍ରିଲିଅନ ଡଲାର ବାର୍ଷିକ ବାଣିଜ୍ୟକରି ଆପଲ କମ୍ପାନୀ ମାଇଲଖୁଣ୍ଟ ସ୍ଥାପନା କରିଛି। ଅଥଚ ଚୀନ ପରେ ଭାରତରେ ଉତ୍ପାଦନ କେନ୍ଦ୍ର ଖୋଲିଥିବା ଏହି କମ୍ପାନୀ ଏବେ ନିଜର ଚେନ୍ନାଇସ୍ଥିତ କାରଖାନାକୁ ବନ୍ଦ କରିଛି । ଆଇଫୋନ୍ ଉତ୍ପାଦନ ହେଉଥିବା ଏହି କମ୍ପାନୀ ଏବେ ଚୀନର ଷଡଯନ୍ତ୍ର ଓ ଭାରତରେ ଥିବା ଚୀନା ସମର୍ଥକଙ୍କ ଷଣ୍ଢଆସୀ ଆକ୍ରମଣର ଶିକାର ହୋଇ କମ୍ପାନୀର ଉତ୍ପାଦନ ବନ୍ଦ ରଖିବାକୁ ବାଧ ହୋଇଛି । ଏଠାରେ କାର୍ଯ୍ୟରତ ସତର ହଜାର ଶ୍ରମିକଙ୍କ ଆନ୍ଦୋଳନ ଯୋଗୁ କମ୍ପାନୀ ସଙ୍କଟର ସମ୍ମୁଖୀନ ହୋଇ କ୍ଷତି ସହିବାରେ ଲାଗିଛି ।

"ବଞ୍ଚିବା ପାଇଁ ଗୋଟିଏ ବାଟ ଲଢେଇ ଆଉ ଧର୍ମଘଟ"- ଏହି ସ୍ଲୋଗାନକୁ ପାଥେୟ କରି କାର୍ଯ୍ୟରତ ବାମପନ୍ଥୀ ଶ୍ରମିକଗୋଷ୍ଠୀ କିପରି ଅତୀତରେ ପଶ୍ଚିମବଙ୍ଗର କମ୍ପାନୀଗୁଡିକରେ ତାଲା ପକାଇ ସବୁଦିନ ପାଇଁ ସଂସ୍ଥାଗୁଡିକୁ ବନ୍ଦ କରିଦେବାକୁ ସକ୍ଷମ ହୋଇଥିଲେ ତାହା ସମସ୍ତଙ୍କୁ ଜଣାଅଛି । ଏବେ ସେହି ଗୋଷ୍ଠୀ ଚୀନ ପାଇଁ ବ୍ୟାଟିଂ କରିବାକୁ ବାହାରି ଚେନ୍ନାଇର ଆପଲ କମ୍ପାନୀକୁ ବନ୍ଦ କରିଦେବାକୁ ଅଣ୍ଟାଭିଡି ବାହାରିଛନ୍ତି । ଦେଖିବାକୁ ଗଲେ କେରଳ ପରି ତାମିଲନାଡୁରେ କେନ୍ଦ୍ର ସରକାର ଓ ମୋଦିଙ୍କ ବିରୋଧରେ ଅନେକ ଗୋଷ୍ଠୀ ବେଶ୍ ସକ୍ରୀୟ ରହିଛନ୍ତି । ସେମାନେ ଏବେ ହିନ୍ଦୀ-ହିନ୍ଦୁ-ହିନ୍ଦୁସ୍ଥାନର ବିରୋଧରେ କାର୍ଯ୍ୟ କରିବାକୁ ମେଣ୍ଟ ଗଢିଛନ୍ତି । ଏହି ଗୋଷ୍ଠୀରେ କେନ୍ଦ୍ର ବିରୋଧୀ ଡିଏମ୍‌କେ, କଂଗ୍ରେସ, ସାମ୍ୟବାଦୀ, ମୁସଲିମ ଏବଂ ଖ୍ରୀଷ୍ଟିଆନଙ୍କ ସଂଗଠନ ସହ ସେମାନଙ୍କ ସହଯୋଗୀ, ଗଣମାଧ୍ୟମ ଆଦି ରହିଛନ୍ତି । ପ୍ରଚାର କ୍ଷେତ୍ରରେ ଚୀନର ପେ-ଲିଷ୍ଟରେ ଆଗରେ ରହିଛି "ଦି ହିନ୍ଦୁ" ଖବରକାଗଜ, ଯାହା ପ୍ରତି ଦୁଇଦିନରେ ଥରେ ଜିନପିଙ୍ଗଙ୍କ ସଂକୀର୍ତ୍ତନ କରିବାକୁ ଭୁଲ କରେନାହିଁ । ଯେଉଁଥି ପାଇଁ ଚୀନ କମ୍ୟୁନିଷ୍ଟ ପାର୍ଟିର ୧୦୦ବର୍ଷ ପୂର୍ତ୍ତି ଅବସରରେ ଏହି ଖବରକାଗଜର ମୁଖ ପୃଷ୍ଠା ଭରି ବିଜ୍ଞାପନ ମିଳିଥିଲା ଚୀନ ସରକାରଙ୍କ ଠାରୁ । ଚୀନା ନିବେଶ, ପ୍ରକଳ୍ପ ଏବଂ ଶିଳ୍ପର ସୁରକ୍ଷା ପାଇଁ ଏହି ଖବରକାଗଜର ପ୍ରକାଶନ ସମୂହ ଆଜିଯାଏ ଚୀନ ସରକାରଙ୍କ ସ୍ୱାର୍ଥରେ ନିଷ୍ଠାପର ଭାବେ କାର୍ଯ୍ୟକରି ଆସିଛି ଏବଂ ସେଥିପାଇଁ ଚୀନ ସରକାରଠାରୁ ମଧ୍ୟ ଆର୍ଥିକ ପୁରସ୍କାର ଲାଭ କରିଆସୁଛି । କେନ୍ଦ୍ର ସରକାରଙ୍କ ବିବିଧ ଯୋଜନାକୁ କିପରି ବିଫଳ କରିହେବ ସେଥିପାଇଁ ଏହି କାଗଜ ସମାଲୋଚନାର କୀଳା ସଜାଡି ଥାଏ । ପିଏଲ୍ଆଇ ସ୍କିମରେ ଯେଉଁ ତାଇୱାନ କମ୍ପାନୀ ଭାରତରେ ଉତ୍ପାଦନ କରିବାକୁ ଚୀନଛାଡି ଭାରତ ଆସିଲେ ସେମାନଙ୍କ ବିରୋଧରେ ଯୋଜନାବଦ୍ଧ ଭାବେ ଏହି ଖବରକାଗଜରେ ସମ୍ବାଦମାନ ପ୍ରକାଶ କରାଗଲା। ସେମାନେ ଶ୍ରମ ବିରୋଧୀ କାର୍ଯ୍ୟ କରୁଛନ୍ତି ବୋଲି କହି ବାମପନ୍ଥୀ ଶ୍ରମିକ ସଂଗଠନ ମାଧ୍ୟମରେ ଆନ୍ଦୋଳନ ଆରମ୍ଭ କରାଗଲା । ତାଇୱାନ କମ୍ପାନୀକୁ କିପରି ଭାରତରେ କାର୍ଯ୍ୟ କରିବାକୁ ଦିଆଯିବ ନାହିଁ, ଚୀନ ସରକାରଙ୍କ ସ୍ୱାର୍ଥରେ ସେମାନଙ୍କର କାରଖାନାକୁ କିପରି ନଷ୍ଟ କରାଯିବା, ସେଥିପାଇଁ ଷଡଯନ୍ତ୍ର ହେଲା । ସାଧାରଣ ବିଷୟକୁ ଅସାଧାରଣକରି ପ୍ରଚାର କରାଯିବା ସହ ସରକାରୀ ଋପ ପ୍ରୟୋଗ କରିବାକୁ କ୍ଷେତ୍ର ପ୍ରସ୍ତୁତ କରାଗଲା । ବିଗତ ଦିନମାନଙ୍କରେ ଏହି ଗୋଷ୍ଠୀଗୁଡିକର ଷଡଯନ୍ତ୍ର ଯୋଗୁ ଅନେକ କାରଖାନାରେ ତାଲା ଝୁଲିଛି । ତେଣୁ କେନ୍ଦ୍ର ସରକାର ଗୋଟିଏ ପଟେ ଆତ୍ମନିର୍ଭର ଭାରତ ଆହ୍ୱାନ ଦେଇ ହଜାର ହଜାର କୋଟିର ପ୍ରୋତ୍ସାହନ ରାଶି ମାଧ୍ୟମରେ ବିଦେଶୀ ଶିଳ୍ପକୁ ଭାରତରେ ଉତ୍ପାଦନ କରିବାକୁ ଆହ୍ୱାନ ଦେଲାବେଳେ ଦ୍ରାବିଡନାଡୁର ଏହି ଗାତ୍ରଦାହୀ ଗୋଷ୍ଠୀ ସବୁ ଯୋଜନାଗୁଡିକୁ ବିଫଳ କରିବାରେ ଲାଗିଛନ୍ତି । ଦେଶ ବିରୋଧୀ କାର୍ଯ୍ୟରେ ସାମିଲଥିବା ଏହିସବୁ ଶକ୍ତି ସମ୍ବିଧାନର ଆଳରେ ଦେଶରେ ଅଶେଷ କ୍ଷତିସାଧନ କରିବାରେ ଲାଗିପଡିଛନ୍ତି । ନିକଟରେ ତାମିଲନାଡୁର ଚେନ୍ନାଇ ନିକଟସ୍ଥ ପେରୁମ୍ବୁଦୁରଠାରେ ଥିବା ଫୋକ୍ସକନ୍ କମ୍ପାନୀରେ ଶ୍ରମିକ ଅଶାନ୍ତି ପଛରେ ଚୀନର ହାତଥିବା ସଂକ୍ରାନ୍ତରେ ଇଂରାଜୀ ଦି ୱିକ ପକ୍ଷରୁ ପ୍ରକାଶ ପାଇଛି । ଆପଲ ପାଇଁ ମୋବାଇଲ ନିର୍ମାଣକାରୀ ଏହି କମ୍ପାନୀରେ ସଂଗଠିତ ୧୭୦୦୦ କର୍ମଚାରୀଙ୍କ ଆନ୍ଦୋଳନ ପଛରେ ଯେଉଁ ଶ୍ରମିକ ସଂଗଠନଗୁଡିକ କାର୍ଯ୍ୟ କରୁଥିଲେ ସେମାନଙ୍କ ସହ ଚୀନର ଏଜେଣ୍ଟମାନଙ୍କ ହାତଥିବା ନେଇ ଗୋଇନ୍ଦା ଖବର ପ୍ରକାଶ ପାଇଛି । କ୍ୟାଣ୍ଟିନରେ ଖାଦ୍ୟର ଗୁଣବତ୍ତାକୁ କେନ୍ଦ୍ର କରି ହୋଇଥିବା ଅଭିଯୋଗ ଓ କମ୍ପାନୀର ଉତ୍ପାଦନ ବନ୍ଦ କରାଯିବାକୁ ଶ୍ରମିକ ସଂଗଠନ ଓ ରାଜନେତାଙ୍କ ଋପ ତଥା ମିଡିଆର ପ୍ରଚାର ପଛରେ ଚୀନର ଯୋଜନା ରହିଛି । କାରଣ ଆମେରିକା-ଚୀନ ଲଢେଇରେ ଭାରତ ଉତ୍ପାଦନର ବିକଳ୍ପ କେନ୍ଦ୍ରଭାବେ ମୁଣ୍ଡ ଟେକୁଥିବା ଯୋଗୁ ଚୀନର ଗାତ୍ରଦାହ ବଢିଛି । ଭାରତରେ କାର୍ଯ୍ୟରତ ତାଇୱାନର କମ୍ପାନୀ-ଗୁଡିକ ହେଲେ କର୍ଣ୍ଣାଟକର ନରସାପୁରାସ୍ଥିତ ୱିଷ୍ଟ୍ରନ୍ ଇନ୍‌ଫୋକମ୍, ଚେନ୍ନାଇ ନିକଟସ୍ଥ ମହିନ୍ଦ୍ରା ସିଟୀରେ ଥିବା ପେଗାଟ୍ରନ ଟେକ୍‌ନୋଲୋଜି ପ୍ରା ଲିମିଟେଡ୍ । କିଛିମାସ ତଳେ ସମାନ ଢଙ୍ଗରେ ୱିଷ୍ଟ୍ରନ୍‌ର ଉତ୍ପାଦନକୁ ବନ୍ଦ କରି ଦିଆଯାଇଥିଲା । ସେଠାରେ କମ୍ପାନୀ ଭଙ୍ଗାରୁଜା ପାଇଁ ଏସ୍ଏଫ୍ଆଇର ଜଣେ ଛାତ୍ରନେତାଙ୍କୁ ଗିରଫ କରାଯାଇ ଥିଲା ଯିଏକି ସିପିଏମ୍‌ର ଛାତ୍ର ଶାଖାର ସଦସ୍ୟ । ଅତୀତରେ ସନମିନା, ଫୋର୍ଡ, ପିପିଜି ଏସିଆନ ପେଣ୍ଟସ, ଏନ୍‌ଫିଲ୍ଡ ଇଣ୍ଡିଆ ଲିମିଟେଡ୍ ପରି ବହୁରାଷ୍ଟ୍ରୀୟ କମ୍ପାନୀଗୁଡିକରେ ଆନ୍ଦୋଳନ ହୋଇ ତାଲା ପଡିଥିଲା। କମ୍ପାନୀ ପରିସର ଭିତରେ ଶ୍ରମିକ ସଂଗଠନର କାର୍ଯ୍ୟକୁ ଅନୁମତି ମିଳିନଥିଲା । ଶ୍ରମିକ ସଂଗଠନ ସହ ସଂପୃକ୍ତ ଥିବା ଶ୍ରମିକମାନଙ୍କର ଋକିରୀ ସୁରକ୍ଷା ନଥିଲା। ସେମାନେ ଠିକାରେ କାମ କରୁଥିଲେ । ତେଣୁ ପେସାଦାର ଶ୍ରମିକ ନେତାମାନେ ରାଜନେତା ଏବଂ ଗଣମାଧ୍ୟମକୁ ହାତ କରି କମ୍ପାନୀ ଭିତରେ ଶ୍ରମିକଙ୍କ ପାଇଁ ସୁବିଧା ନଥିବା ଅଭିଯୋଗ ଆଣିଥିଲେ । ଅଭିଯୋଗ ଆଧାରରେ ନିଉ ଡେମୋକ୍ରାଟିକ ଲେବର ଫ୍ରଣ୍ଟ, ପିପୁଲ୍‌ସ ଡେମୋକ୍ରାଟିକ୍ ୟୁଥ ଆସୋସିଏସନ୍, ପିପୁଲସ ରାଇଟସ୍ ପ୍ରୋଟେକସନ ସେଣ୍ଟର, ଷ୍ଟୁଡେଣ୍ଟସ୍ ଫର ରାଇଜିଙ୍ଗ୍ ମୁଭମେଣ୍ଟ ଆଦି ସଂଗଠନର ନେତୃତ୍ୱରେ ଆନ୍ଦୋଳନ ହେଲା । ଫଳରେ କମ୍ପାନୀ କାମବନ୍ଦ କରିବାକୁ ନିଷ୍ପତ୍ତି ନେଲା।

କାରଣ ରାଜ୍ୟ ସରକାରଙ୍କ ଯେଉଁ ପ୍ରତିନିଧିମାନେ କମ୍ପାନୀର ପରିଦର୍ଶନରେ ଗଲେ ସେମାନେ ଶ୍ରମିକ ସଂଗଠନଙ୍କ ଭାଷାରେ ହିଁ ମତ ଦେଲେ। ପ୍ରତି ଶ୍ରମିକକୁ ଅତି କମ୍‌ରେ ୫୦ ବର୍ଗ ଫିଟ ସ୍ଥାନ ହଷ୍ଟେଲରେ ଦେବାକୁ, ବିଦ୍ୟୁତ କାଟ ବେଳେ ଇନ୍‌ଭର୍ଟର ଯୋଗାଇ ଦେବାକୁ ଦାବି ହେଲା । ଫକ୍ସକନ୍ କମ୍ପାନୀ ଶ୍ରମିକଙ୍କ ପାଇଁ ପ୍ରଥମେ ସବୁ ସୁବିଧାର ବ୍ୟବସ୍ଥା କରିବାକୁ ରାଜ୍ୟର ଶ୍ରମମନ୍ତ୍ରୀ ସିଭି ଗଣେଶନ କହିଛନ୍ତି ।

ତାମିଲନାଡୁର ଶ୍ରୀ ପେରୁମ୍ବୁଦୁର ଅଞ୍ଚଳରେ ସିପିଏମ୍‌ର ଶ୍ରମିକ ସଂଗଠନ ସିଟୁର ପ୍ରଭାବ ରହିଛି । ଅତୀତରେ ୨୦୧୪ରେ ନୋକିଆର ହ୍ୟାଣ୍ଡସେଟ୍ ଫକ୍ସକନ୍ ନିର୍ମାଣ କରୁଥିଲା । ନୋକିଆ ହ୍ୟାଣ୍ଡସେଟକୁ ମାଇକ୍ରୋସଫ୍ଟ କମ୍ପାନୀ ସେତେବେଳେ ୭ ବିଲିଅନ ଡଲାର ଦେଇ କିଣିଥିଲା । ଟିକସ ଦେଣନେଣକୁ କେନ୍ଦ୍ର କରି ବିବାଦ ସୃଷ୍ଟି ଯୋଗୁ ସେହି କମ୍ପାନୀ ବନ୍ଦ ହୋଇଥିଲା। ପୂର୍ବରୁ ତାମିଲନାଡୁର ଫୋର୍ଡ କାର କମ୍ପାନୀ ତାର କାରଖାନାକୁ ବନ୍ଦ କରିବାକୁ ବାଧ ହେବାପରେ ଭାରତ ଛାଡି ଋଲିଗଲା ସେହି କମ୍ପାନୀକୁ ଅଧିଗ୍ରହଣ କରିବାକୁ ଟାଟା କମ୍ପାନୀ ଚେଷ୍ଟା ଚଳାଇଛି । ଦେଖିବାକୁ ଗଲେ ଆପଲ କମ୍ପାନୀର ଉତ୍ପାଦନ ଚୀନ, ବ୍ରାଜିଲ ଏବଂ ଭାରତରେ ରହିଛି । ଯଦି ଏପରି ଅଯଥା ଶ୍ରମିକ ଅଶାନ୍ତି ଲାଗିରହେ ତେବେ ଚେନ୍ନାଇ କୋଲକାତାର ସ୍ଥାନ ନେବାକୁ ଅଧିକ ସମୟ ନେବ ନାହିଁ ।

ଏଠାରେ ଉଲ୍ଲେଖ ଯୋଗ୍ୟ ଯେ, ଚେନ୍ନାଇସ୍ଥିତ ଫକ୍ସକନ୍ କମ୍ପାନୀର ଖାଦ୍ୟ ସ୍ଥାନୀୟ କଣ୍ଟ୍ରାକ୍ଟର ଯୋଗାଇଥାଏ । ଖାଦ୍ୟପ୍ରସ୍ତୁତିର ମାନକୁ କେନ୍ଦ୍ର କରି ଉଠିଥିବା ପ୍ରଶ୍ନ ସହ କମ୍ପାନୀର ସିଧା ସଂପୃକ୍ତି ନାହିଁ । ତଥାପି ସ୍ଥାନୀୟ କଣ୍ଟ୍ରାକ୍ଟର ଖାଦ୍ୟର ଗୁଣବତ୍ତା ବଜାୟ ରଖିବାକୁ କୁହାଯାଇଛି । କମ୍ପାନୀର ହଷ୍ଟେଲରେ ପରଷା ଯାଇଥିବା ଖାଦ୍ୟଖାଇ ଶ୍ରମିକ ଅସୁସ୍ଥ ହୋଇପଡିଥିଲେ । ଡିସେମ୍ବର ୧୫ରେ ପ୍ରଥମେ ଏହା ବିରୋଧରେ ଛୋଟ ଆନ୍ଦୋଳନ ଆରମ୍ଭ ହୋଇ ୧୯ ଡିସେମ୍ବରକୁ ଚେନ୍ନାଇ-ବାଙ୍ଗାଲୋର ସଡକ ପଥକୁ ବନ୍ଦ କରାଯାଇଥିଲା । ଅସୁସ୍ଥ କର୍ମଋରୀମାନଙ୍କୁ ପୁନାମାଲ୍ଲେ, ନେମାସ, ଥିରୁମାଝିସାଇ, ଆନ୍ନାନଗର, ଅମ୍ବାଟୁର, ଭେଲାପାଞ୍ଚଓ୍ୱାଡି, କିଲପକର ଡାକ୍ତରଖାନାଗୁଡିକରେ ଭର୍ତ୍ତି କରାଯାଇଥିଲା । କାଞ୍ଚିପୁରମ୍ ଜିଲ୍ଲାପାଳ ଏମ୍. ଆରତିଙ୍କ କହିବାନୁସାରେ କମ୍ପାନୀ ପକ୍ଷରୁ ସବୁ ପ୍ରକାର ସୁବିଧା ଯୋଗାଇ ଦେବାକୁ କୁହାଯାଇଛି । କାରଣ କମ୍ପାନୀ ପରିସରରେ ରହୁଥିବା ୭୦୦୦ ମହିଳା ଶ୍ରମିକଙ୍କୁ କଣ୍ଟ୍ରାକ୍ଟର କିମ୍ବା ଏଜେଣ୍ଟମାନେ ଆଣି ରଖାଇଛନ୍ତି । ଡିସେମ୍ବର ୧୮ରେ ମହିଳା ଶ୍ରମିକମାନେ ଅସୁସ୍ଥ ହେବାପରେ କାରଖାନା କର୍ତ୍ତୃପକ୍ଷ ବ୍ୟବସ୍ଥାରେ ସୁଧାର ପାଇଁ ଉତ୍ପାଦନ ବନ୍ଦ ରଖିବା କଥା କହିଛନ୍ତି । ପ୍ରାୟ ୧୧ଜଣ କଣ୍ଟ୍ରାକ୍ଟର ଶ୍ରମିକଙ୍କ ଖାଦ୍ୟ ଯୋଗାଣରେ ଥିବାରୁ କମ୍ପାନୀ ସେମାନଙ୍କଠାରୁ ଉତ୍ତରଦାୟିତ୍ୱ ଆବଶ୍ୟକ କରୁଛି । ଜିଲ୍ଲା ପ୍ରଶାସନର କମ୍ପାନୀ ଏବଂ ସ୍ଥାନୀୟ କଣ୍ଟ୍ରାକ୍ଟରଙ୍କ ମଧ୍ୟରେ ଯୋଗସୂତ୍ର ରହିବା ଆବଶ୍ୟକ । କୌଣସି ସ୍ଥାନୀୟ ଅସନ୍ତୋଷକୁ ଆଧାର କରି ଚୀନର ଲବି ଯେପରି ଡେଇଁ ପଡୁଛନ୍ତି ସବୁକିଛି ବନ୍ଦ କରିବାକୁ, ତାହା ଶିଳ୍ପ ପାଇଁ କ୍ଷତିକାରକ । ରାଜ୍ୟ ଓ କେନ୍ଦ୍ର ସରକାର ଶିଳ୍ପ ବିରୋଧୀ ଏହି ପେସାଦାର ଧର୍ମଘଟକାରୀଙ୍କଠାରୁ ଶିଳ୍ପଗୁଡିକୁ ରକ୍ଷା କରିବା ପାଇଁ ଆବଶ୍ୟକ ନୀତି ପ୍ରଣୟନ କରିବା ଜରୁରୀ ହୋଇ ପଡିଲାଣି ।

# ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସର ଅହେତୁକ ଦରବୃଦ୍ଧି ପ୍ରତିବାଦରେ କଂଗ୍ରେସର ଘଣ୍ଟନାଦ ସହ ବିକ୍ଷୋଭ

ରାଉରକେଲା (ପିଏନ୍): ସମ୍ପ୍ରତି ରାଜ୍ୟର ନିର୍ବାଚନ ସରିବା ପରେ କେନ୍ଦ୍ରର ମୋଦି ସରକାର କିପରି ପ୍ରତ୍ୟେକ ଦିନ ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସର ଦରବୃଦ୍ଧି କରିଛନ୍ତି ଓ ରନ୍ଧନ ଗ୍ୟାସର ଦର ୧୦୩୦ ଟଙ୍କାରେ ପହଞ୍ଚାଇଛନ୍ତି ତାହା ଅତ୍ୟ' ନିନ୍ଦନୀୟ ବୋଲି କଂଗ୍ରେସ ତରଫରୁ କୁହାଯାଇ ଏହି ଦରବୃଦ୍ଧିକୁ ତୁର' ପ୍ରତ୍ୟାହାର କରିବା ପାଇଁ ଦାବି କରାଯାଇଛି । ଭାରତୀୟ ଜାତୀୟ କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀଙ୍କ ଆହ୍ୱାନକ୍ରମେ ଆଜିଠାରୁ ଦେଶବ୍ୟାପି ଆରମ୍ଭ ହୋଇଥିବା ମହଙ୍ଗାଇ ମୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମରେ ରାଉରକେଲା ଜିଲ୍ଲା କଂଗ୍ରେସ କମିଟି ସାମିଲ୍ ହୋଇ ଏହି ଦରଦାମ୍ ବୃଦ୍ଧିର ଘଣ୍ଟନାଦ ପ୍ରତିବାଦ ବିକ୍ଷୋଭ ସ୍ଥାନୀୟ ଏସ୍‌ଟିଆ ଛକଠାରେ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା କଂଗ୍ରେସର ପୂର୍ବତନ ସଭାପତି ତଥା ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ଶ୍ରୀ ବିରେନ ସେନାପତିଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରଘୁନାଥପାଲ୍ଲୀର ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ପ୍ରଶା' ସେଠୀ, ଜିଲ୍ଲା କଂଗ୍ରେସ ଉପସଭାପତି ଦେବବ୍ରତ ବିହାରୀ ଓ କୀର୍ତ୍ତନ ଦାସ, ପିସିସି ସଭ୍ୟ ରାମାନନ୍ଦ ଶ୍ରୀଚନ୍ଦନ, ପିସିସିର ପୂର୍ବତନ ସମ୍ପାଦକ ଗଣେଶ ପ୍ରଧାନ, ମହିଳା କଂଗ୍ରେସ ସଭାନେତ୍ରୀ ନିରୂପମା ବଳିୟାରସିଂ, ଇନ୍‌ଟକ ସଭାପତି ନିହାର ଦାସ, ଓବିସି ଅଧକ୍ଷ ବୈଲୋଚନ ସାହୁ, କୃଷକ କଂଗ୍ରେସ ଅଧକ୍ଷ ମନମୋହନ ଓରାମ, କଂଗ୍ରେସ ମୁଖପାତ୍ର ଗିରିଜା ଶଙ୍କର ମିଶ୍ର ଓ କୈଳାସ ସାହୁ, ବ୍ଲକ୍ କଂଗ୍ରେସ ସଭାପତି ବିଜୟ ଆପଟ, ପ୍ରଦ୍ୟୁମ୍ନ ଷଡଙ୍ଗୀ, ସାଧାରଣ ସମ୍ପାଦକ ସରୋଜ ଲେଙ୍କା ପ୍ରମୁଖ ଏହି ବିକ୍ଷୋଭରେ ଅଂଶଗ୍ରହଣ କରି ମୋଦି ସରକାରର ଜନ ବିରୋଧି ନୀତିର ତୀବ୍ର ପ୍ରତିବାଦ କରିଥିଲେ । ବିଗତ ଦିନରେ ୫ଟି ରାଜ୍ୟର ନିର୍ବାଚନକୁ ଆଖି ଆଗରେ ରଖି ମୋଦି ସରକାର ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସ ଦର କିଛି କିଛି ହ୍ରାସ କରିଥିବା ବେଳେ ସମ୍ପ୍ରତି ନିର୍ବାଚନ ପରେ ପ୍ରତ୍ୟେକ ଦିନ ଏସବୁର ଦରବୃଦ୍ଧି କରିବାରେ ଲାଗିଛନ୍ତି । କରୋନା ସଂକଟ ଅଦ୍ୟାବଧି ଟଳି ନଥିବା ବେଳେ ସାଧାରଣ ଲୋକଙ୍କର ରୋଜଗାର ବିଶେଷ ପ୍ରଭାବିତ ହୋଇଛି । ଏହି ପରିସ୍ଥିତିରେ ବିଭିନ୍ନ ସାମଗ୍ରୀ ଉପରେ ଲୋକଙ୍କୁ ରିହାତିର ଆବଶ୍ୟକତା ଥିବାବେଳେ ମୋଦି ସରକାର ତାଙ୍କ କିଛି ପ୍ରିୟପତି ମିତ୍ରଙ୍କ ସମ୍ପତ୍ତି ବୃଦ୍ଧି କରିବା ପାଇଁ ସାଧାରଣ ଗରିବ ଲୋକଙ୍କ ପକେଟରୁ ପଇସା ଏହି ଦରବୃଦ୍ଧି ଜରିଆରେ କାଢି ନେଉଛନ୍ତି ବୋଲି କଂଗ୍ରେସ ନେତୃବୃନ୍ଦ ଅଭିଯୋଗ କରିଥିଲେ । ସମ୍ପ୍ରତି ଋଷ ଓ ୟୁକ୍ରେନର ଯୁଦ୍ଧ ପାଇଁ ପେଟ୍ରୋଲ, ଡିଜେଲର ଦରବୃଦ୍ଧି ଘଟୁଛି ବୋଲି କହୁଥିବା ମୋଦି ସରକାର ବିଗତ ଦିନରେ ଏ ସବୁର ଦରବୃଦ୍ଧି କରିବା ବେଳେ କେଉଁ ଯୁଦ୍ଧ ଚାଲିଥିଲା ବୋଲି ଏହି ଅବସରରେ କଂଗ୍ରେସ ତରଫରୁ ପ୍ରଶ୍ନ କରାଯାଇଛି । ତେବେ ଆଜି ଶ୍ରୀ ସୋନିଆଜୀଙ୍କ ଆହ୍ୱାନକ୍ରମେ ଦରବୃଦ୍ଧି ବିରୁଦ୍ଧରେ ଆରମ୍ଭ ହୋଇଥିବା ଏହି ଆନ୍ଦୋଳନ ବିଭିନ୍ନ ପର୍ଯ୍ୟାୟରେ ଆଗକୁ ବଢିବ ବୋଲି କଂଗ୍ରେସ ନେତୃବୃନ୍ଦ ଏହି ଅବସରରେ ପ୍ରକାଶ କରି କେତେକ ରାଜ୍ୟରେ ନିର୍ବାଚନୀ ସଫଳତା ପାଇଁ ଅହଂକାରରେ ଫାଟି ପଡୁଥିବା ମୋଦି ସରକାର ଏଭଳି ଜନମାରଣ ନୀତିରୁ ନିବୃତ୍ତ ରହିବାକୁ ଚେତାବନୀ ଦେଇଥିଲେ । ଏହି ଅବସରରେ ଛକ ଉପରେ ଖାଲି ସିଲିଣ୍ଡର, ଖାଲି ସ୍କୁଟର ଓ ମୋଟର ସାଇକେଲ୍ ରଖି ଦଳୀୟ କର୍ମକର୍ତ୍ତାମାନେ ଫୁଲ ମାଳ ପିନ୍ଧାଇ ଅଭିନବ ଢଙ୍ଗରେ ଘଣ୍ଟନାଦ ସହ ପ୍ରତିବାଦ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ବିଦ୍ୟାସାଗର ସିଂହ, କାର୍ତ୍ତିକ ବେଉରିଆ, କ୍ରିଷ୍ଣା ରାଓ, ଲକ୍ଷ୍ମୀଧର ମଣ୍ଡଳ, ଲୋକନାଥ ଭୂମିଜ, ରେହେମାନ ଖାନ, ଭାସ୍କର ଖିଲ୍ଲାର, ସେବାଦଳର ସାରଦା ପ୍ରସନ୍ନ ଦାସ, ଜିଲ୍ଲା କଂଗ୍ରେସର ଜିତେନ୍ଦ୍ର ଦାସ, ରତିକା' ମଲ୍ଲିକ, ରୁକସାନା ବେଗମ, ମହମ୍ମଦ ମୁର, ପ୍ରତାପ ସାହୁ, ଚତୁର୍ଭୁଜ ସାମଲ, ସ'ୋଷ ପରିଜା, ରାଜେଶ ପତି, ବାବୁ ଖାନ, ଶ୍ୟାମ ସାଗର, ଧରମା ନାୟକ, ସୁହାସିନି କୁଆ, ପ୍ରମିଳା ପଟ୍ଟନାୟକ, ନରେନ୍ଦ୍ର ବର୍ମା, ନରେନ୍ଦ୍ର ସିଂହ, ଶଙ୍କର ଦାସ ପ୍ରମୁଖଙ୍କ ସମେତ ବହୁ କଂଗ୍ରେସ କର୍ମୀ ଅଂଶଗ୍ରହଣ କରି ସକ୍ରିୟ ସହଯୋଗ କରିଥିଲେ ବୋଲି ଜିଲ୍ଲା ମୁଖପାତ୍ର କୈଳାସ ସାହୁ ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି ।

## ଯୋରଜବରଦସ୍ତି କରି କିଛି ଅସାମାଜିକ ବ୍ୟକ୍ତିଙ୍କ ଦ୍ୱାରା ରାସ୍ତା କରିବା ପାଇଁ ଗୁଣ୍ଡାଗିରି



ଭୁବନେଶ୍ୱର,(ପିଏନ): ଯାଜପୁର ଜିଲ୍ଲାର ବିଂଝାରପୁର ଥାନା ଅଧିନସ୍ଥ ସାଶନ୍ଦା ଗ୍ରାମରେ କିଛି ଅସାମାଜିକ ବ୍ୟକ୍ତି ଯୋରଜବରଦସ୍ତି କରି ରାସ୍ତା ନିର୍ମାଣ କରିବା ପାଇଁ ସଂଖ୍ୟାଲଘୁ ସମ୍ପ୍ରଦାୟ ବ୍ୟକ୍ତିଙ୍କ ଉପରେ ଗୁଣ୍ଡାଗିରି କରିଛନ୍ତି । ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ସାଶନ୍ଦା ଗ୍ରାମରେ ବାସକରୁଥିବା ସଂଖ୍ୟାଲଘୁ ସମ୍ପ୍ରଦାୟର ବ୍ୟକ୍ତି ସେଖ୍ ଅଜିଜୁଲ୍ ବାରିଙ୍କ କ୍ଷେତ୍ରରେ । ଘଟଣାଟି ଏପରି, ସେଖ୍ ଅଜିଜୁଲ ବାରି ଜଣେ ସଂଖ୍ୟାଲଘୁ ବ୍ୟକ୍ତି । ସେ ନିଜେ ସେହି ଜମିର ମାଲିକ ଅଟନ୍ତି, ଯେଉଁ ଜମିରେ ଅସାମାଜିକ ବ୍ୟକ୍ତିମାନେ ରାସ୍ତା ତିଆରି କରୁଛନ୍ତି ଯୋରଜବରଦସ୍ତ । ତାଙ୍କ କହିବା କଥା ହେଉଛି ଯେ, ତାଙ୍କର ଗୋଟିଏ ପ୍ଲଟ୍ ତାଉଁତରା ମୌଜାରେ ୨୫ଡିସିମିଲ୍‌ର ୨ଟା ପ୍ଲଟ୍ (ନମ୍ବର ୧୧୪୨ ଏବଂ ୧୧୪୩) ଅଛି । କିନ୍ତୁ ବର୍ତ୍ତମାନ ନକ୍ସାରେ ଦେଖାଉଛି ଯେ, ତାଙ୍କର ସେ ଦୁଇ ପ୍ଲଟ୍ ଘର ପାଖରେ ଗୋଟିଏ ଅନାବାଦି ପ୍ଲଟ୍ ଅଛି, ଉକ୍ତ ପ୍ଲଟ ଉପରେ ସେ ଘର ପାଇଁ ଫାଉଣ୍ଡେସନ୍ କରିବା ବେଳକୁ ଏହି ଅସାମାଜିକ ବ୍ୟକ୍ତିମାନେ ସରପଂଚ ଏବଂ ଆର୍ .ଆଇକୁ ଧରି ଆସି କାମ ବନ୍ଦ କରିଦେଲେ । ପରେ ସେ ଉକ୍ତ ପ୍ଲଟକୁ ମାପିବାରୁ ସେ ପ୍ଲଟ୍‌ଟି ଅନାବାଦି ବୋଲି କିଛି ବାହାରିଲା ନାହିଁ । ସେଖ୍ ଅଜିଜୁଲ୍ ବାରି କହିଲେ ତାଙ୍କର ପଟ୍ଟା ହିସାବରେ ତାଙ୍କ ଜମି ମାପ କରି ଦିଅ ପରେ ରାସ୍ତା ବାହାର କର । କିନ୍ତୁ ସେହି ଅସାମାଜିକ ବ୍ୟକ୍ତିମାନେ ଯୋରଜବରଦସ୍ତ କରି ରାସ୍ତା କରିବାକୁ ଗୁଣ୍ଡାଗିରି କରିବାରୁ ସେ ସ୍ଥାନୀୟ ଲୋକଙ୍କ ସହ ସରଂପଚକୁ ଏହାର ସମାଧାନ ପାଇଁ ସେଠାକୁ ଆଣିଲେ । ସରପଂଚ ଓ ସ୍ଥାନୀୟ ଲୋକଙ୍କ ଅନୁରୋଧ କ୍ରମେ ମୌଳିକ ଭାବେ କିଛି ରାସ୍ତା ସେମାନଙ୍କୁ ଦିଆହେଲା ।

## ଚତ୍ରପଦା ସତ୍ୟସାଇ ଭଜନ ମଣ୍ଡଳୀର ବାର୍ଷିକୋତ୍ସବ

ଧର୍ମଶାଳା (ପିଏନ୍): ଭଗବାନ ଶ୍ରୀ ସତ୍ୟସାଇ ସେବା ସମିତି ଜାରକା ଅନୁକୁଲ୍ୟରେ ପାଟପୁର ପଂଚାୟତ ସ୍ଥିତ ଚତ୍ରପଦା ସତ୍ୟସାଇ ଭଜନ ମଣ୍ଡଳୀର ତ୍ରୟ ବାର୍ଷିକୋତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲା ସତ୍ୟସାଇ ସେବା ସଙ୍ଗଠନ ସଭାପତି ଡ. ନିଶିକାନ୍ତ କର ସମ୍ମାନିତ ଅତିଥି, ରାଜ୍ୟ ସତ୍ୟସାଇ ସେବା ସଙ୍ଗଠନର ଟ୍ରଷ୍ଟ ସଦସ୍ୟ ରଶ୍ମୀରଂଜନ ରାୟ, ଅନ୍ୟତମ ଅତିଥି ଭାବେ ରାଜ୍ୟ ଟ୍ରଷ୍ଟର ସଦସ୍ୟ ତଥା ସତ୍ୟସାଇ ସେବା ସଙ୍ଗଠନର କେନ୍ଦ୍ରାପଡାର ବର୍ଷିଆନ ସଦସ୍ୟ ଇଂ ନରେନ୍ଦ୍ରନାଥ ପତି ମୁଖ୍ୟବକ୍ତା ଭାବେ ଯୋଗଦେଇ ଭଗବାନ ଶ୍ରୀ ସତ୍ୟସାଇ ସତ୍ୟ, ଧର୍ମ, ଶାନ୍ତି ଓ ପ୍ରେମ ମାଧ୍ୟମରେ ମାନବରୁ କିପରି ମାଧବ ରୁପରେ ପରିବର୍ତ୍ତନ ହେବା ଏବଂ ନାମ ସ୍ମରଣ ଶ୍ରେଷ୍ଠ ସାଧନା ଉପରେ ଆଲୋକପାତ କରିଥିଲେ ।

ସଂ ଗଚ୍ଛଧ୍ବଂ ସଂ ବଦଧ୍ବଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୪, ଜାନୁଆରୀ ୧୨

# ନନ ସ୍ଲିପ ଡିପ ରେଷ୍ଟ ଓ ଆନନ୍ଦମୟ ମାନସିକତା



ଡାକ୍ତର ସମ୍ରାଟ କର

ମୋ ଡିଟିପି କାର୍ଯ୍ୟରେ ଢ଼େର ସହଯୋଗ କରୁଥିବା ବନ୍ଧୁ ଶ୍ରୀକାନ୍ତ ସେ ଦିନ ବଡ଼ ବ୍ୟସ୍ତ ହୋଇପଡ଼ି ମୋତେ ଫୋନ କଲେ । ସକାଳୁ ସେ ତାଙ୍କର କିଛି ସମୟ ବ୍ୟକ୍ତିଗତ କାର୍ଯ୍ୟ ପାଇଁ ବ୍ୟୟ କରନ୍ତି ପରେ ଓଡ଼ିଶା ସରକାରଙ୍କ ପଦସ୍ଥ କାର୍ଯ୍ୟାଳୟରେ ସେ ନିଜ ସମୟ ଦିଅନ୍ତି । ଯଦିଓ ଘରୁ ଓ ତାଙ୍କ କାର୍ଯ୍ୟାଳୟ କ୍ଷେତ୍ର ଯିବା ଆସିବା ପାଖାପାଖି ପଚିଶ କିଲୋମିଟର ଭିତରେ ସେ ମୋତେ ସେ ଦିନ ପ୍ରଶ୍ନ କଲେ ସାର ଅଫିସରେ କିଛି ସମୟ କଲାପରେ କେଜାଣି କାହିଁକି ଟିକିଏ ଥକ୍କା ଲାଗୁଛି ଓ ନିଦ ଅନୁଭୂତ ହେଉଛି । ମୁଁ ତାଙ୍କ ଖାଦ୍ୟପେୟ ଓ ବିଶ୍ରାମର ସମସ୍ତ ଦିନଚର୍ଯ୍ୟା ବୁଝିବା ପରେ ତାଙ୍କୁ ସବିଶେଷ କହିଲି ବାସ୍ତବ କଥା ହେଉଛି ବେଳେ ବେଳେ ଏତେ ନିଦ ଅନୁଭବ କରିପାରନ୍ତି ଯେ ଆପଣଙ୍କ ଆଖି ସଂପୂର୍ଣ୍ଣ ବନ୍ଦ ହୋଇଯାଉଥିବ । ଏପରି ଅନୁଭବ କରୁଥିବା ବ୍ୟକ୍ତି ଆପଣ ଏକା ନୁହଁନ୍ତି । ପ୍ରକୃତ କଥା ହେଉଛି ନିଦ୍ରାହୀନତାର ସିଧା ପ୍ରଭାବ ଆମର କାର୍ଯ୍ୟ ଉପରେ ପଡ଼ିଥାଏ । ଅନେକ ସମୟ ପର୍ଯ୍ୟନ୍ତ ଗୋଟିଏ ଜାଗାରେ ବସି ରହିବା ଦ୍ୱାରା ମଧ୍ୟ ନିଜ ଆସିବା ସ୍ୱାଭାବିକ । ତାହେଲେ ରିଫ୍ରେଶ ହେବା ପାଇଁ କଣ କରିବା ଉଚିତ । ଆଜିକାଲି ଅଫିସ କାର୍ଯ୍ୟ ମଧ୍ୟରେ ନିଜକୁ ସତେଜ କରିବାକୁ ଏନଏସଡିଆର ଶବ୍ଦ ଗୁଗଲରେ ବହୁତ ସର୍ଚ୍ଚ କରାଯାଉଛି । ଏହି ଏନଏସଡିଆର କ'ଣ ଜାଣନ୍ତୁ ? ଏନଏସଡିଆରକୁ ନନ ସ୍ଲିପ ଡିପ ରେଷ୍ଟ କୁହାଯାଉଛି । ନନ ସ୍ଲିପ ଡିପ ରେଷ୍ଟ ଆପଣଙ୍କ ବିଚାର ପ୍ରବାହ ଏବଂ ବ୍ରେନ ୱେଭ ଫ୍ରିକ୍ୱେନ୍ସିକୁ ଧିକା କରିବାରେ ସାହାଯ୍ୟ କରେ । ଏହା ମସ୍ତିଷ୍କ ଏବଂ ଶରୀରକୁ ଆରାମ ପ୍ରଦାନ କରିଥାଏ । ଏନଏସଡିଆର ଆଙ୍ଗଜାଇଟି କମ କରିବା ଏବଂ ଶିଖିବାରେ ମଧ୍ୟ ସାହାଯ୍ୟ କରେ । ଗୁଗଲ ସିଇଓ ସୁନ୍ଦର ପିଚାଇ ଥରେ ୱାଲ ଷ୍ଟ୍ରିଟ ଜର୍ଣ୍ଣାଲକୁ ଦେଇଥିବା ସାକ୍ଷାତକାରରେ କହିଥିଲେ, ସେ ନିଜକୁ ରିପ୍ରେଶ ରଖିବା ପାଇଁ ନନ୍ ସ୍ଲିପ ଡିପ ରେଷ୍ଟ ବା ଏନଏସଡିଆର ଆଧାରିତ ପଡ଼କାଷ୍ଟ ଶୁଣିଥାନ୍ତି । ସେ ୟୁଟ୍ୟୁବରେ ଏନଏସଡିଆର ଭିଡ଼ିଓ ଖୋଜନ୍ତି । ଯାହାର ପ୍ରୟୋଗ ସେ ନିଜକୁ ସତେଜ ରଖିବା ପାଇଁ କରନ୍ତି । ଏନଏସଡିଆର ସ୍ନାୟୁବିଜ୍ଞାନୀ ତଥା ଅନୁସନ୍ଧାନକାରୀ ଆଣ୍ଡ୍ରିୟୁ ହ୍ୟୁବରମ୍ୟାନଙ୍କ ଦ୍ୱାରା ବିକଶିତ କରାଯାଇଥିଲା । ବାସ୍ତବରେ ଏହା ବହୁ ବର୍ଷ ପୁରୁଣା ଅଭ୍ୟାସ ଯୋଗ ନିଦ୍ରାର ଦ୍ୱିତୀୟ ନାମ । ଯାହାକୁ ଯୋଗ ନିଦ ମଧ୍ୟ କୁହାଯାଇଥାଏ । ଏନଏସଡିଆର ଏକ ପ୍ରକାର ଧ୍ୟାନର ଅଭ୍ୟାସ । ଏହି ସ୍ଥିତିରେ ସ୍ୱପ୍ନ ମଧ୍ୟ ଆସିଥାଏ । କିନ୍ତୁ ଆମେ ଶୋଇନଥାଉ । ଏହା ବ୍ୟକ୍ତିକୁ ଆରାମ ସ୍ଥିତିକୁ ନେଇଯାଇଥାଏ ।

ଏହା ବାସ୍ତବରେ ଏକ ରୋଗ ନୁହେଁ । ଏହା ଅସଲରେ ହେଉଛି ଆମ କାର୍ଯ୍ୟ ବସ୍ତତା ଭିତରେ ବିରାମ ବା ବିରତିର ଯଥାର୍ଥ ଅଭାବ । ତେଣୁ ଆପଣ ନିଜ କାର୍ଯ୍ୟ ନିର୍ଘଣ୍ଟକୁ ଦେଖି ଖାଇବା ଓ ବିଶ୍ରାମ ପାଇଁ ସମୟ ରଖନ୍ତୁ । ଯୋଗାସନ, ପ୍ରାଣାୟମ, ପ୍ରାତଃ ଭ୍ରମଣ, ସାଇକେଲ ଚାଳନା, ସନ୍ତରଣ ଏସବୁ ଖୁବ ଭଲ ଅଭ୍ୟାସ । ସମସ୍ତ ପ୍ରକାର ନିଶାଦ୍ରବ୍ୟ ଓ ମାଦକ ସେବନ ଠାରୁ ଦୂରେଇ ରୁହନ୍ତୁ । ବଜାରର ତଥାକଥିତ ଫାଷ୍ଟଫୁଡ ଖାଇବା ଠାରୁ ସୁଷମ ଖାଦ୍ୟ ଖୁବ ଭଲ । ନିଜକୁ କାମ ଭିତରେ ସବୁବେଳେ ବୁଡ଼ାଇ ରଖନ୍ତୁ ନାହିଁ । ଅନ୍ତତଃ ନିଜ ପାଇଁ, ନିଜ ପରିବାର ପାଇଁ ସମୟ କାଢ଼ନ୍ତୁ । ସବୁବେଳେ ନିଜକୁ ପ୍ରଫୁଲ୍ଲିତ ଓ ଆନନ୍ଦମୟ ଚେତନା ଭିତରେ ରଖିବା ପାଇଁ ପ୍ରଚେଷ୍ଟା ରଖନ୍ତୁ । ପ୍ରତ୍ୟେକ ଲୋକର ଅସଲ ଶକ୍ତି ହେଉଛି ତା ପରିବାର । କାରଣ ତା ପରିବାର ହେଉଛି ସାମର୍ଥ୍ୟର ଶ୍ରେଷ୍ଠ ଉପଯୋଗୀ ଉପାଦାନର କ୍ଷେତ୍ର । ତେଣୁ ଏ କ୍ଷେତ୍ରରେ ଅନ୍ୟମାନଙ୍କର ବି ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ତେଣୁ ନିଜକୁ ଆନନ୍ଦମୟ ମାନସିକତା ଭିତରେ ରଖିପାରିଲେ ଆପଣ ଏହି ଜଟିଳ ସ୍ୱାସ୍ଥ୍ୟ ସମସ୍ୟାରୁ ନିଜକୁ ଦୂରେଇ ପାରିବେ ।

ମାନସିକ ରୋଗ ବିଶେଷଜ୍ଞ,
ଦି'ବ୍ରେନ୍, ପୁରୀଘାଟ ରୋଡ଼, କଟକ,
ଦୂରଭାଷ : ୯୧୩୨୪୩୩୩୩୩

# ଆଧ୍ୟାତ୍ମିକ ପୁରୁଷ ସ୍ୱାମୀ ବିବେକାନନ୍ଦ

ପିଲାମାନେ ଆଜି ହେଉଛି ସମଗ୍ର ବିଶ୍ୱରେ ଆଧ୍ୟାତ୍ମିକତାର ମହକ ଖେଳାଇ ଦେଇଥିବା ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ । ଏହି ଦିନ ସରକାରୀ ଭାବେ ଯୁବ ଦିବସର କାର୍ଯ୍ୟକ୍ରମ ସ୍ବୀରିକୃତ ହୋଇ ଯୁବ ଦିବସ ଭାବେ ପାଳିତ ହେଉଛି । ସ୍ୱାମୀ ବିବେକାନନ୍ଦଙ୍କ ଦର୍ଶନ ଓ ଚେତନା ଆମ ସମସ୍ତଙ୍କ ପାଇଁ ପ୍ରାତଃ ସ୍ମରଣୀୟ ଓ ଶିକ୍ଷଣୀୟ । ସେଥିଲେ ସନ୍ଥ ରାମକୃଷ୍ଣ ପରମହଂସଙ୍କ ମୁଖ୍ୟ ଶିଷ୍ୟ । ତାଙ୍କ ପ୍ରଥମ ନାମ ଥିଲା ନରେନ୍ଦ୍ର ନାଥ ପରେ ସେ ସ୍ୱାମୀ ବିବେକାନନ୍ଦ ଭାବେ ଭାରତୀୟ ବେଦାନ୍ତ ଓ ଯୋଗ ଦର୍ଶନକୁ ପାଶ୍ଚାତ୍ୟ ଜଗତ୍‌ରେ ସୁପରିଚିତ କରାଇଥିଲେ । ସେ ହିନ୍ଦୁ ଧର୍ମକୁ ନବ ରୂପ ଦେବା ସହ ପାଶ୍ଚାତ୍ୟରେ ଲୋକପ୍ରିୟ କରାଇଥିଲେ । ଫଳ ସ୍ୱରୂପ ହିନ୍ଦୁ ଧର୍ମ ଏକ ବିଶାଳ ବିଶ୍ୱ ଧର୍ମର ମାନ୍ୟତା ପାଇଥିଲା । ୧୮୯୩ରେ ଯୁକ୍ତରାଷ୍ଟ୍ର ଆମେରିକାର ଚିକାଗୋରେ ଅନୁଷ୍ଠିତ ବିଶ୍ୱ ସ୍ତରର ଧର୍ମ ସମ୍ମିଳନୀରେ ସେ ଚମତ୍କାର ଭାଷଣ ଦେଇ ଉପସ୍ଥିତ ଧାର୍ମିକ ନର ନାରୀଙ୍କୁ ସ୍ତବ୍ଧ କରିଦେଇଥିଲେ । ସ୍ୱାମୀ ବିବେକାନନ୍ଦ ହିଁ ରାମକୃଷ୍ଣ ମିସନ୍ ଓ ରାମକୃଷ୍ଣ ମଠର ପ୍ରତିଷ୍ଠାତା ।

ସ୍ୱାମୀଜୀଙ୍କ ଜନ୍ମ କଲିକତାରେ ହୋଇଥିଲା । ୧୮୬୩ ମସିହା ଜାନୁଆରୀ ୧୨ ତାରିଖରେ । ସେ ଦିନ ଥିଲା ପବିତ୍ର ମକର ସଂକ୍ରାନ୍ତି । ତାଙ୍କର ପିଲାଦିନର ନାମ ଥିଲା ନରେନ୍ଦ୍ର ନାଥ ଦତ୍ତ । ପିତା ବିଶ୍ୱନାଥ ଦତ୍ତ କଲିକତା ହାଇକୋର୍ଟରେ ଜଣେ ବିଶିଷ୍ଟ ଓକିଲ ଥିଲେ । ସେ ପାଶ୍ଚାତ୍ୟ ଚେତନାର ଥିଲେ । ସେଥିପାଇଁ ପୁତ୍ରକୁ ଇଂରାଜୀ ପଢ଼ାଇ ପାଶ୍ଚାତ୍ୟ ବିଚାରଧାରାର ଅନୁଗାମୀ କରିବାକୁ ଚାହୁଁଥିଲେ । ମାତ୍ର ବିଧିର ବିଧାନ ଥିଲା ଭିନ୍ନ । ସ୍ୱାମୀଜୀଙ୍କ ମାତା ଭୁବନେଶ୍ୱରୀ ଦେବୀ ଭଗବତ୍ ବିଶ୍ୱାସୀ ଥିଲେ । ଯାହାର ପ୍ରଭାବ ପିଲାଦିନୁ ପଡ଼ିଥିଲା ବିବେକାନନ୍ଦଙ୍କ ଉପରେ । ସ୍ୱାମୀଜୀ ବାଲ୍ୟକାଳରୁ ଅତ୍ୟନ୍ତ ବିଚିକ୍ଷଣ ଥିଲେ । ସେ ଭାଗବତ ପ୍ରାପ୍ତି ନିମନ୍ତେ ସର୍ବଦା ବ୍ୟାକୁଳ ଥିଲେ । ଗୁରୁ ରାମକୃଷ୍ଣ ପରମହଂସଙ୍କୁ ଭେଟିବା ପରେ ସ୍ୱାମୀଜୀଙ୍କୁ ଜୀବନର ପରମଲକ୍ଷ୍ୟ ପ୍ରାପ୍ତ ହୋଇଥିଲା ।

ସେ କାଲକାତାର ଜେନ୍‌ରଲ୍ ଆସେଂବଲିକ୍ ଇନଷ୍ଟିଚ୍ୟୁସନ୍‌ରେ ପଢୁଥିବା ବେଳର ଏକ ଘଟନା । ଇଂରେଜୀ ସାହିତ୍ୟ ବିଭାଗର ପ୍ରଫେସର ୱିଲିଅମ୍ ହାଷ୍ଟି ୱିଲିଅମ୍ ୱର୍ଡ଼ସୱର୍ଥଙ୍କ ଦ ଏକସକର୍ସନ ପଢ଼ାଉଥାଆନ୍ତି । ଉକ୍ତ କବିତାରେ ଥିବା ଟ୍ରାନ୍‌ସ ଶବ୍ଦ ବାବାଦରେ ବିବେକାନନ୍ଦଙ୍କ ସମେତ ଅନେକ ବିଦ୍ୟାର୍ଥୀ ଅଧିକ ଜାଣିବାକୁ ଚାହିଁବାରୁ ଦକ୍ଷିଣେଶ୍ୱର କାଳୀ ମନ୍ଦିର ଯାଇ ରାମକୃଷ୍ଣଙ୍କୁ ଭେଟିବା ସକାଶେ ସେ ପରାମର୍ଶ ଦେଇଥିଲେ । ବିବେକାନନ୍ଦଙ୍କ ମନକୁ କଥାଟି ପାଇଥିଲେ ହେଁ ସେ ସଙ୍ଗେ ସଙ୍ଗେ ଯାଇପାରି ନଥିଲେ । ୧୮୮୧ରେ ସୁରେନ୍ଦ୍ର ନାଥ ମିତ୍ର (ରାମକୃଷ୍ଣଙ୍କ ପ୍ରମୁଖ ଶିଷ୍ୟ – ଅନୁଗାମୀଙ୍କ ମଧ୍ୟରେ ଜଣେ)ଙ୍କ ଘରେ ପ୍ରଥମ ଥର ପାଇଁ ରାମକୃଷ୍ଣଙ୍କୁ ସେ ଭେଟିଥିଲେ । ରାମକୃଷ୍ଣ, ତାଙ୍କୁ ଭଜନ ଗାଇବାକୁ କହିବାରୁ ସେ ସୁଲଳିତ କଣ୍ଠରେ ଗାଇ, ସମସ୍ତଙ୍କୁ ଅଭିଭୂତ କରିଥିଲେ । ସୁବିଧା ହେଲେ କାଳୀ ମନ୍ଦିର ଆସି ଦେଖା କରିବା ନିମନ୍ତେ ରାମକୃଷ୍ଣ କହିଥିଲେ । ସେହି ବର୍ଷ ଶେଷ ଆଡ଼କୁ ବିବେକାନନ୍ଦ ଯାଇଥିଲେ । ଦ୍ୱିତୀୟ ସାକ୍ଷାତ୍‌ରେ ରାମକୃଷ୍ଣଙ୍କ ବ୍ୟକ୍ତିତ୍ୱ, ତାଙ୍କୁ ଭଲ ଲାଗିଥିଲା ଏବଂ ସେ ବାରମ୍ବାର ଦେଖାକରିଥିଲେ । ଏହା ଦ୍ୱାରା ତାଙ୍କ ଜୀବନ ସଂପୂର୍ଣ୍ଣ ଭାବେ ବଦଳି ଯାଇଥିଲା । ତେବେ କିଛି ବି ହଠାତ୍ ଘଟି ନଥିଲା । ବିବେକାନନ୍ଦ ଭେଟୁଥିଲେ, ରାମକୃଷ୍ଣଙ୍କୁ ଶୁଣୁଥିଲେ । ହେଲେ, ମନରୁ ସଂଶୟ ଦୂର ହେଉ ନଥିଲା । ଏମିତି ବେଶ୍ କିଛି ବର୍ଷ କଟିଯାଇଥିଲା । ୧୮୮୪ରେ ବିବେକାନନ୍ଦ ପିତାଙ୍କୁ ହରାଇଲେ । ତାଙ୍କ ପରିବାରର ଆର୍ଥିକ ସ୍ଥିତି ବିଗିଡ଼ିଗଲା । ଏତେ ସମସ୍ୟା ସୃଷ୍ଟି ହେଲା ଯେ, ଭଗବାନଙ୍କ ଉପରୁ ଆସ୍ଥା ହରାଇବା ପରି ଲାଗିଲା । ସେ ରାମକୃଷ୍ଣଙ୍କୁ ଭେଟି ଆର୍ଥିକ ସମସ୍ୟାର ସମାଧାନର ପନ୍ଥା ଜାଣିବାକୁ ଚାହିଁଲେ । ରାମକୃଷ୍ଣ ସେ ଦିନ କହିଥିଲେ, ତାଙ୍କ ହାତରେ କିଛି ନାହିଁ । ଯାହା ମାଗିବାକୁ ଯାଇଥିଲେ ସତ, ପାର୍ଥିବ ଧନ ସଂପଦ ଆଦି ବଦଳରେ ମାଗି ବସିଲେ ଜ୍ଞାନ ଭକ୍ତି । ଉକ୍ତ ଘଟନାର କିଛି ଦିନ ପରେ ସେ ରାମକୃଷ୍ଣଙ୍କ ଶିଷ୍ୟତ୍ୱ ଗ୍ରହଣ କରିଥିଲେ । ୧୮୮୬ରେ ଗୁରୁଙ୍କ ମହାପ୍ରୟାଣ ପରେ, ତାଙ୍କର ମହାନ ବାଣୀର ପ୍ରଚାର ପାଇଁ ବରାନଗରରେ ପ୍ରଥମ ରାମକୃଷ୍ଣ ମଠ ପ୍ରତିଷ୍ଠା କରିଥିଲେ ।

ସେ ଭାଗବତ ପ୍ରାପ୍ତି ନିମନ୍ତେ ସର୍ବଦା ବ୍ୟାକୁଳ ଥିଲେ । ଗୁରୁ ରାମକୃଷ୍ଣ ପରମହଂସଙ୍କୁ ଭେଟିବା ପରେ ସ୍ୱାମୀଜୀଙ୍କୁ ଜୀବନର ପରମଲକ୍ଷ୍ୟ ପ୍ରାପ୍ତ ହୋଇଥିଲା । ସ୍ୱାମୀଜୀ ସ୍ୱପ୍ନଦ୍ରଷ୍ଟା ଥିଲେ । ସେ ଏଭଳି ଏକ ସମାଜର କଳ୍ପନା କରିଥିଲେ, ଯେଉଁଠି ଧର୍ମ ଏବଂ ଜାତି ଆଧାରରେ ସାମାଜିକ ବିଭାଜନ ନଥିବ । ସେ ବେଦାନ୍ତ ସିଦ୍ଧାନ୍ତକୁ ଏହି ରୂପରେ ଦେଖିଥିଲେ । ବିବେକାନନ୍ଦ ଯୁବକଙ୍କ ପାଇଁ ନୂତନ ଆଶା ଥିଲେ । ବର୍ତ୍ତମାନର ଯୁବପୀଢ଼ି ପାଇଁ ଏହି ଓଜସ୍ୱୀ ସନ୍ନ୍ୟାସୀଙ୍କ ଜୀବନ ଏକ ପରମ ଆଦର୍ଶ । ଚିକାଗୋ ଧର୍ମ ସମ୍ମିଳନୀରେ ବିବେକାନନ୍ଦଙ୍କ ଓଜସ୍ୱିନୀ ଭାଷଣ ବିଶ୍ୱ ଦରବାରରେ ଭାରତ ଏବଂ ଭାରତର ଆଧ୍ୟାତ୍ମିକତାର ଛବିକୁ ଅଧିକ ଉଜ୍ଜ୍ୱଳ କରିଥିଲା । ମାତୃଭୂମିକୁ ସେ ଅତି ଭଲ ପାଉଥିଲେ । ଥରେ ବିଦେଶରୁ ଫେରିବା ସମୟରେ ଜାହାଜରୁ ଦୌଡ଼ି ଆସି ସ୍ୱାମୀଜୀ ଭାରତ ଭୂଖଣ୍ଡ ମାଟି ଛୁଇଁ ଆତ୍ମହରା ହୋଇପଡ଼ିଥିଲେ । ଯୁବକମାନଙ୍କ ନେଇ ସ୍ୱାମୀଜୀ ଅନେକ ଆଶା ରଖିଥିଲେ । ଉତ୍ସାହୀ, ଉଦ୍ୟମୀ ଯୁବକମାନେ ହିଁ ଭାରତର କଲ୍ୟାଣ କରିପାରିବେ ବୋଲି ବିବେକାନନ୍ଦ ମତ ରଖିଥିଲେ । ସେ ଯୁବକମାନଙ୍କୁ ଉଭୟ ଇଂରାଜୀ ଏବଂ ସଂସ୍କୃତ ଶିକ୍ଷା ଲାଗି ରହୁଥିଲେ । କାରଣ ଇଂରାଜୀ ଶିକ୍ଷା ଦ୍ୱାରା ସେମାନେ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକର ଜ୍ଞାନ ଆହରଣ କରିପାରିବେ । ସଂସ୍କୃତ ଶିକ୍ଷା ସେମାନଙ୍କୁ ଭାରତୀୟ ଦର୍ଶନ ଏବଂ ମୂଲ୍ୟବୋଧ ସହିତ ପରିଚିତ କରାଇପାରିବ । ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀକୁ ଭାରତରେ ଜାତୀୟ ଯୁବ ଦିବସ ଭାବେ ପାଳନ କରାଯାଇଥାଏ । ପିଲାମାନେ ତୁମ୍ଭେମାନେ ବିବେକାନନ୍ଦଙ୍କ ରାଷ୍ଟ୍ରଭକ୍ତି, ସାମାଜିକ ଦାୟିତ୍ୱ, ସ୍ପଷ୍ଟବାଦୀତା, ପିତୃମାତୃ ସେବା, ଗୁରୁ ସମର୍ପଣ ଓ ରାଷ୍ଟ୍ରପତି ସର୍ବୋଚ୍ଚ ସମର୍ପଣ ଭିତ୍ତିକ ସାମାଜିକ ସେବାର ଗୁଣ ଗୁଡ଼ିକ ଆହରଣ କଲେ ଏହା ତାଙ୍କ ଜନ୍ମଦିନ ପାଇଁ ଶ୍ରେଷ୍ଠ ଭକ୍ତି ସୁମନ ହୋଇପାରିବ ।



ଯଶସ୍ୱିନୀ ପଟ୍ଟନାୟକ

ଅଧ୍ୟକ୍ଷା, ନାଳନ୍ଦା ପବ୍ଲିକ ସ୍କୁଲ,
ସେକ୍ଟର-୮, ସିଡିଏ, କଟକ

# ସ୍ୱାମୀଜୀଙ୍କ ବାର୍ତ୍ତା ' ଦୃଢ଼ ଓ ନିର୍ଭୀକତା'

## କିଶୋର ଚନ୍ଦ୍ର ବେହେରା

ସ୍ୱାମୀ ବିବେକାନନ୍ଦ ଭାରତୀୟ ଆଧ୍ୟାତ୍ମିକବାଦ ଓ ପାଶ୍ଚାତ୍ୟ ଭୌତିକବାଦର ମିଳନରେ ମଣିଷର ପ୍ରୟୋଜନ ଉପଯୋଗୀ ଏକ ସମନ୍ୱିତ ସଂସ୍କୃତି ସୃଷ୍ଟି କରିବାକୁ ପ୍ରୟାସ କରିଥିଲେ । ସେ ପାଶ୍ଚାତ୍ୟ ଜଗତକୁ ଭାରତର ମହାନ ଧାର୍ମିକ ଓ ସାଂସ୍କୃତିକ ଐତିହ୍ୟର ସୁଗନ୍ଧ ପାତିତ କରିବିତରିତ କରିଥିଲେ । ଭାରତୀୟ ସାଧୁସନ୍ଥମାନେ ଦେଶଭକ୍ତ ସନ୍ନ୍ୟାସୀ ରୂପେ ବିବେକାନନ୍ଦଙ୍କୁ ଅଭିହିତ କରିଥିଲେ । ଧର୍ମକୁ ମାନବୀୟ କରିବା ତଥା ତାହାର ସାମାଜିକ ଲକ୍ଷ୍ୟ ଓ କାର୍ଯ୍ୟକୁ ଆଧ୍ୟାତ୍ମିକ କରିବା ନିମନ୍ତେ ସଦାସର୍ବଦା ପ୍ରୟାସ ଜାରି ରଖିଥିଲେ । ଅନ୍ତର୍ନିହିତ ସମସ୍ତ ବିବାଦ, ପାର୍ଥକ୍ୟ ଓ ବିକାର ଚିନ୍ତାଧାରା ସୃଷ୍ଟିକାରୀ ମାନଙ୍କୁ ସାମାଜିକ ସ୍ରୋତରେ ସାମିଲ୍ କରିବା ପାଇଁ ପ୍ରଚେଷ୍ଟା ଜାରି ରଖିବା ସ ?ହ ଧର୍ମକୁ ସାର୍ବଜନୀନ କରିବା ଏକ ଯୁଗାନ୍ତକାରୀ ପଦକ୍ଷେପ । ତାଙ୍କର ଅନ୍ତର୍ଭ ?ଦୀ ଦର୍ଶନ, ଚୁମ୍ବକୀୟ ସ୍ପର୍ଶ ଓ ଦାମ୍ଭିକ ପ୍ରୟାସ ନିମନ୍ତେ ପ୍ରସିଦ୍ଧ ଫରାସୀ ଦାର୍ଶନିକ ରୋଲାଣ୍ଡ ତାଙ୍କୁ 'ହିନ୍ଦୁ ନେପୋଲିୟନ' ନାମରେ ପରିଚିତ କରିଥିଲାବେଳେ ଯୁକ୍ତରାଷ୍ଟ୍ର ଆମେରିକା ଜନସାଧାରଣ ' ବୈତାଳିକ ହିନ୍ଦୁ' ନାମରେ ଆଖ୍ୟାୟିତ କରିଥିଲେ । ସେ ଥିଲେ ଲୋକ ମାନଙ୍କ ମଧ୍ୟରେ ପ୍ରେମ, ସହନଶୀଳତା, ଐକ୍ୟ, ଭାତୃଭାବ, ଇଶ୍ୱର ବିଶ୍ୱାସୀ ଓ ମାନବ ସେବାର ନିର୍ଯ୍ୟାସ ସଞ୍ଚାର କରିଥିବା ଜଣେ ବିଶ୍ୱଗୁରୁ । ଗଣତାନ୍ତ୍ରିକ କ୍ଷେତ୍ରରେ ମଣିଷର ସର୍ବୋଚ୍ଚ ବିଶ୍ୱାସ ତଥା ସ୍ୱାଧିନତା, ସମାନତା, ସାମାଜିକ ନ୍ୟାୟ, ନାରୀ ମର୍ଯ୍ୟାଦା, ଧାର୍ମିକ ସହନଶୀଳତା ଓ ସଂପ୍ରୀତି ପାଇଁ ତାଙ୍କର ସ୍ୱତନ୍ତ୍ର ଆଗ୍ରହ ଶାସନ ପରିଚାଳନା ପାଇଁ ଉପଲବ୍ଧ ହେଉଅଛି । ସ୍ୱାଧୀନତା ହେଉଛି ଗଣତନ୍ତ୍ରର ଏକ ମହତ୍ୱପୂର୍ଣ୍ଣ ଉପାଦାନ । ଏହା କେବଳ ଆଧ୍ୟାତ୍ମିକ ସ୍ୱାଧୀନତା ନୁହେଁ ବରଂ ଭୌତିକ, ସାମାଜିକ ଓ ରାଜନୀତିକ ସ୍ୱାଧୀନତା ବିଷୟରେ କହିଥାଏ । ମଣିଷଙ୍କ ଶ୍ରେଷ୍ଠ ପୁରସ୍କାର ହେଉଛି ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ ଆଡ଼କୁ ଅଗ୍ରସର ହୋଉ ଅନ୍ୟମାନଙ୍କୁ ସାହାଯ୍ୟ କରିବା । ଜାତୀୟତାବାଦ କ୍ଷେତ୍ରରେ ସ୍ୱାମୀଜୀଙ୍କ ମାତୃଭୂମିର ପ୍ରିତୀ ସହଜରେ ଉପଲବ୍ଧ କରିହୁଏ କାରଣ ସେ ସଦାସର୍ବଦା କୁହନ୍ତି ' ଭାରତ ହେଉଛି ମୋର ଶ୍ରେଷ୍ଠ ସ୍ୱର୍ଗ, ଏହା ମୋ ପାଇଁ ଶୈଶବର ଦୋଳ, ଯୌବନର ପୁଷ୍ପ ବାଟିକା ଏବଂ ମୋ ବାର୍ଦ୍ଧକ୍ୟର ବାରଣାସୀ' । ପାଶ୍ଚାତ୍ୟ ସଭ୍ୟତାର ସଂସ୍କୃତି ଓ ପରମ୍ପରାକୁ ଅନୁକରଣ କରିବା ଅପେକ୍ଷା ନିଜ ଦେଶର ସଂସ୍କୃତି ଏବଂ ପରମ୍ପରାକୁ ନେଇ ଗର୍ବ କରିବାପାଇଁ ବିଶେଷ ଗୁରୁତ୍ୱ ଦେଉଥିଲେ । ଆମ ନିଜ ସ୍ୱଭାବ ଅନୁସାରେ ଆମେ ବିକଶିତ ହେବା ଉଚିତ୍ କାରଣ ବିଦେଶୀ ସମାଜ ଗୁଡ଼ିକ ଆମ ଉପରେ ଲଦି ଦେଉଥିବା କାର୍ଯ୍ୟ ଧାରାକୁ ଅନୁକରଣ କରିବା ବୃଥା ଓ ଅନୁପଯୁକ୍ତ । ଇଶ୍ୱରଙ୍କୁ ଧନ୍ୟବାଦ, ତାହା ଅସମ୍ଭବ, ଆମ୍ଭ ?ମାନେ ଅନ୍ୟ ଜାତିର ଛାଞ୍ଚରେ ପଡ଼ିବା ପାଇଁ ମୋଡା ହୋଇପାରିବା ନାହଁ କି ଉପିଡିତ ହୋଇ ପାରିବା ନାହିଁ । ସମାଜ ସଂସ୍କାର କ୍ଷେତ୍ରରେ ଜାତିପ୍ରଥା ବ୍ୟବସ୍ଥାକୁ ଘୋର ବିରୋଧ କରିବା ସହ ସମସ୍ତ ଜାତିର ମାନବଗଣ ଇଶ୍ୱରଙ୍କ ପ୍ରଦତ୍ତ ବୋଲି ମତପୋଷଣ କରିଥିଲେ । ମାନବବାଦ ହେଉଛି ସେହି ଧାରଣାର ଯାହା ମଣିଷ ଓ ତାର ସ୍ୱାର୍ଥକୁ ସର୍ବାଧିକ ଗୁରୁତ୍ୱ ପ୍ରଦାନ କରେ । ପ୍ରତେକ ବ୍ୟକ୍ତିବିଶେଷ ସମାଜରେ ଅବହେଳିତ ହୋଇ ଜୀବନ ନିର୍ବାହ କରୁଥିବା ଦରିଦ୍ର, ରୁଗଣ ଓ ପତିତ ମାନଙ୍କ ସବା କରିବା ପାଇଁ ଯୁବଗୋଷ୍ଠୀଙ୍କୁ ପରାମର୍ଶ ଦେଉଥିଲେ । ରାମକୃଷ୍ଣଙ୍କ ଜୀବନୀ ଓ ଶିକ୍ଷାର ଆଧାରରେ ବେଦାନ୍ତ ଧର୍ମ ପାଳନ କରିବା ଓ ପ୍ରଚାର ପ୍ରସାର କରିବା ନିମନ୍ତେ ସନ୍ୟାସୀ କର୍ମୀଙ୍କୁ ତାଲିମ ଦେବା, ବିଭିନ୍ନ ଧର୍ମାବଲମ୍ବୀଙ୍କ ମଧ୍ୟରେ ଭାତୃଭାବ ପ୍ରତିଷ୍ଠା କରିବା, ଜାତି, ଧର୍ମ କିମ୍ବା ସମ୍ପ୍ରଦାୟ ବାଛବିଚାର ନକରି ଯନ୍ତ୍ରଣା ଜର୍ଜରିତ ମାନବ ଜାତିର ସେବା କରିବା ବିବେକାନନ୍ଦଙ୍କ ମୂଳ ଲକ୍ଷ ।

ସ୍ୱାମୀ ବିବେକାନନ୍ଦ ଭାରତର ଯୁବ ଗୋଷ୍ଠୀକୁ ' ଦୃଢ଼ ଓ ନିର୍ଭିକ' ହେବାକୁ ବାର୍ତ୍ତା ଦେବା ସହ ଚରିତ୍ର ନିର୍ମାଣ, ଶୃଙ୍ଖଳା ଓ ମାନସିକ ଶକ୍ତି ଉପରେ ଅଧିକ ଗୁରୁତ୍ୱ ଦେଉଥିଲେ । ଦେଶର ଉତ୍ଥାନ ଓ ପତନର ସୂତ୍ରଧାର ହେଉଛନ୍ତି ଯୁବ ସମାଜ । ଦେଶର ଭାଗ୍ୟ ଓ ଭବିଷ୍ୟତ ଗଠନର ମୂଳାଧାର ଆମର ଯୁବ ଗୋଷ୍ଠୀ । ଇତିହାସ ପୃଷ୍ଠା ଓଲଟାଇଲେ ଦେଖିବାକୁ ମିଳେ ଯୁବ ମାନସର ଏପରି ଗୌରବମୟ ଗାରିମା ଗାଥା । ଯୁବ ସମାଜର ଚିର ଆଦର୍ଶ ସ୍ୱାମୀଜୀ କୁହନ୍ତି ' ନିଜ ଭିତରେ ସବୁ କ୍ଷମତା ଅଛି, ତୁମେ ଅସାଧ୍ୟକୁ ସାଧନ କରିପାରିବ, ମନଭିତରେ ଦୃଢ ବିଶ୍ୱାସି ହୋଇ କାମ କରିବା, ଏହା ଭାବିବା ନାହିଁକି ତୁମେ ଦୃବଳ , ଯାହା ବର୍ତ୍ତମାନ ଅଧାରୁ ଅଧିକ ଯୁବକ ନିରାଶ ନିଜକୁ ଅଶଆହୟ ମନେକରୁଛନ୍ତି' । ବିନା କାହାର ପରାମର୍ଶରେ ଆତ୍ମବିଶ୍ୱାସ ରଖି ଆଗକୁ ମଧ୍ୟ ବଢିପାରିବ ନିର୍ଦ୍ଦିଷ୍ଟ ଲକ୍ଷ୍ୟସ୍ଥଳକୁ ନେଇ । ଏକଦା ଏକ ସର୍ବସାଧାରଣ ସଭାରେ ଯୋଗଦେଇ ନିଜର ଅଭିଭାଷଣ ରଖିଥିଲେ ' ମୋତେ ଶହେ ଜଣ ଆଦର୍ଶ ଯୁବକ ଦିଅ, ମୁଁ ଦେଶ ବଦଳାଇ ଦଏବଇ' । ଗାନ୍ଧିଜୀଙ୍କ ଏକ ବାର୍ତ୍ତା ଯୁବ ସମାଜ ପାଇଁ ଥିଲା ' ଯୁବକମାନଙ୍କ ମଧ୍ୟରେ ସ୍ୱାମୀ ବିବେକାନନ୍ଦଙ୍କ ଧାରଣା ଓ ଆଦର୍ଶ ବିସ୍ତାର କରିବାର ମହତ୍ତ୍ୱ ହେଉଛି ସେ ଯୁବକମାନଙ୍କର ଅନନ୍ତ ଶକ୍ତି ଏବଂ ସତ୍ୟ ପାଇଁ ସେମାନଙ୍କର ଅସ୍ଥିର ଅନୁସନ୍ଧାନକୁ ବ୍ୟକ୍ତ କରିଥିଲେ । ଭାରତ ସରକାରଙ୍କର ଜାତୀୟ ଯୁବନୀତି ଏବଂ ରାଜ୍ୟମାନଙ୍କର ରାଜ୍ୟ ଯୁବନୀତି ତେରରୁ ପାଇଁତିରିସ ବର୍ଷ ବୟସର ଯୁବକ ଯୁବତୀ ମାନଙ୍କର ଲୁକ୍କାୟିତ ପ୍ରତିଭାକୁ ଲୋକ ଲୋଚନକୁ ଆଣିବା ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି । ଅଧ୍ୟୟନରତ ଛାତ୍ରଛାତ୍ରୀ ମାନଙ୍କ ନିମନ୍ତେ ଉଚ୍ଚମାଧ୍ୟମିକ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ମାନଙ୍କରେ କେନ୍ଦ୍ର ସରକାରଙ୍କ କ୍ରିଡା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟ ତରଫରୁ ଜାତୀୟ ସେବା ଯୋଜନା, ଏନ୍ ସି ସି, ଯୁବ ରେଡକ୍ରସ୍ ଓ ସ୍କାଉଟ ଗାଇଡି ଭଳି ବିଭିନ୍ନ ଯୋଜନା ପ୍ରଣୟନ କରି ଛାତ୍ରଛାତ୍ରୀ ମାନଙ୍କୁ ସମାଜ ସେବାରେ ନିୟୋଜିତ କରାଯାଉଛି, ଯାହାକି ଜଣେ ଯୁବକ ଯୁବତୀ ପାଠପଢା ସହ ସମାଜର ବିକାଶରେ ସହଭାଗିତା ହୋଇପାରୁଛି । ନେହରୁ ଯୁବ କେନ୍ଦ୍ର ମାଧ୍ୟମରେ ଗ୍ରାମାଞ୍ଚଳର ଶିକ୍ଷିତ ଯୁବକମାନେ ପାଠାଗାର ସ୍ଥାପନ କରି ଅଞ୍ଚଳର ବିକାଶ କରିବା ସହ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ସମସ୍ତ ଯୋଜନା ସଂପର୍କରେ ଜନସାଧାରଣଙ୍କୁ ସଚେତନତା କରିଥାନ୍ତି ଏବଂ ପ୍ରତ୍ୟେକ ହିତାଧିକାରୀ କିଭଳି ଯୋଜନାରେ ସାମିଲ ହେବା ପାଇଁ ପଦକ୍ଷେପ ନେଇଥାନ୍ତି । ସଂପ୍ରତି ରାଜ୍ୟ ସରକାରଙ୍କ ଯୁଗନ୍ତକାରି ପଦକ୍ଷେପ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଅନ୍ତର୍ଗତ ନୂତନ ଉନ୍ନତ ଅଭିଳାସ ଓଡ଼ିଶା ନୂଆ -ଓ ପ୍ରତିଭା ଅନୁସନ୍ଧାନ ଏକ ମାଧ୍ୟମ । ପ୍ରତ୍ୟେକ ଜିଲ୍ଲାରେ ଯୁବ ମହୋତ୍ସବ କରି ପରସ୍ପର ମଧ୍ୟରେ ଭାତୃଭାବ ସୃଷ୍ଟି କରିବା ପାଇଁ ସରକାରଙ୍କ ପ୍ରୟାସ ଜାରି ରଖିଛନ୍ତି । ସ୍ୱାମୀ ବିବେକାନନ୍ଦ କେବଳ ଯୁବ ଗୋଷ୍ଠୀ ନୁହେଁ, ବରଂ ସକଳ ଯୁଗର ସକଳ ଦେଶର ସମସ୍ତ ବର୍ଗର ଲୋକମାନଙ୍କ ନିମନ୍ତେ ଥିଲେ ଏକ ନୂତନ ଆଶାର ବତୀଘର ସଦୃଶ ।

*ଅଧ୍ୟାପକ ରାଜନୀତି ବିଜ୍ଞାନ ବିଭାଗ*
*ସିଦ୍ଧଦେବୀ ସ୍ନାତକ ମହାବିଦ୍ୟାଳୟ*
*ନନ୍ଦପୁର, ଜିଲ୍ଲା: କୋରାପୁଟ*
*ଯୋଗାଯୋଗ ୯୪୩୭୯୫୫୫୬୮*

# ଭଗବାନ ସୂର୍ଯ୍ୟଦେବ ଓ ମକର ସଂକ୍ରାନ୍ତି



ବିପିନ ବିହାରୀ ରାଉତ

ସଂସାରର ସବୁ ସଂସ୍କୃତିରେ ସୂର୍ଯ୍ୟଙ୍କୁ ଆଲୋକ ଓ ଶକ୍ତିର ଦେବତା ଭାବରେ ଗ୍ରହଣ କରାଯାଏ । ଧର୍ମ ଓ ବିଜ୍ଞାନ ଉଭୟ ସୂର୍ଯ୍ୟଙ୍କ ମହତ୍ତ୍ୱକୁ ସ୍ୱୀକାର କରନ୍ତି । ବିଦ୍ୟୁତ୍ ଓ ପେଟ୍ରୋଲର ଦାମ ବଢ଼ିବାକୁ ଦେଖି ବୈଜ୍ଞାନିକମାନେ ବିନା ଅର୍ଥରେ ମିଳୁଥିବା ସୌର ଶକ୍ତିର ପ୍ରୟୋଗକୁ ଅଧିକ ଲୋକପ୍ରିୟ କରିବାକୁ ଚାହୁଁଛନ୍ତି । ମକର ସଂକ୍ରାନ୍ତିରେ ପ୍ରୟାଗର ତ୍ରିବେଣୀ ସଙ୍ଗମ ଠାରେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ସ୍ନାନ କରି ଅନୁଚିତ ଚିନ୍ତା ଛାଡ଼ି ସତ୍‌ମାର୍ଗରେ ଚାଲିବାର ସଂକଳ୍ପ ନିଅନ୍ତି । ବିଶ୍ୱାସ କରାଯାଏ, ଏହି ଦିନ ଠାରୁ ପୃଥିବୀର ସବୁ ତୀର୍ଥ ପ୍ରୟାଗ ଆସନ୍ତି । ଉତ୍ତରାୟଣ ସୂର୍ଯ୍ୟ ଆମକୁ ଦୃଢ଼ ସଂକଳ୍ପବାନ ଓ କର୍ମଯୋଗୀ ହେବାର ପ୍ରେରଣା ଦିଅନ୍ତି । ଧର୍ମଶାସ୍ତ୍ର ଅନୁଯାୟୀ ସୂର୍ଯ୍ୟ ଦକ୍ଷିଣାୟନ ହେଲେ ସବୁ ଶୁଭ କାର୍ଯ୍ୟ ବର୍ଜିତ ହୁଏ । ଉତ୍ତରାୟଣ ଠାରୁ ସବୁ ଶୁଭ କାର୍ଯ୍ୟ ଆରମ୍ଭ ହେବ । ଏ ବର୍ଷ ସୂର୍ଯ୍ୟ ଉତ୍ତରାୟଣ ହେବା ପରେ ଦେଶ ଦୁନିଆ ଉପରେ ସୂର୍ଯ୍ୟଙ୍କର ଶୁଭ ପ୍ରଭାବ ପଡ଼ିବ । ସୂର୍ଯ୍ୟଙ୍କର ଶୁଭ ପ୍ରଭାବରେ ଦେଶର ଆର୍ଥିକ ସ୍ଥିତିରେ ଉନ୍ନତି ଘଟିବ । ଦେଶର ଅଗ୍ରଗତି ହେବ । ମୂଲ୍ୟବାନ ଧାତୁର ଚାହିଦା ବଢ଼ିବ । ବ୍ୟବସାୟ ବାଣିଜ୍ୟ ବଢ଼ିବ, କେତେକ ଦେଶରେ କ୍ଷମତା ପରିବର୍ତ୍ତନ ହୋଇପାରେ । ଅଧିକାଂଶ ଶୁଭଫଳ ପ୍ରଦାନ କରିବ । ତେବେ ସରକାର, ପ୍ରଶାସନ ଏବଂ ଜନତା ମଧ୍ୟରେ ବିରୋଧ ବଢ଼ିବାରେ ସମ୍ଭାବନା ରହିଛି । ହିନ୍ଦୁ ଧର୍ମର ପ୍ରତ୍ୟେକ ପର୍ବ କୌଣସି ନା କୌଣସି ଦେବତାଙ୍କ ପାଇଁ ଉଦ୍ଦିଷ୍ଟ । ଉତ୍ତରାୟଣ ପର୍ବ ଅର୍ଥାତ୍ ମକର ସଂକ୍ରାନ୍ତି ସୂର୍ଯ୍ୟ ଉପାସନାର ପର୍ବ । ଏହି ଦିନ ସୂର୍ଯ୍ୟ ମକର ରାଶିରେ ପ୍ରବେଶ କରନ୍ତି । ସୂର୍ଯ୍ୟ ମକର ରାଶିରେ ପ୍ରବେଶ କରିବା ଯୋଗୁଁ ମନୁଷ୍ୟ ମନରେ ମଧ୍ୟ ପରିବର୍ତ୍ତନ ଆସେ । ସମସ୍ତେ ମିଳିମିଶି ରୁହନ୍ତୁ, ସମସ୍ତଙ୍କ ଜୀବିକା ନିର୍ବିଘ୍ନରେ ଚାଲୁ, ସମସ୍ତେ ଶକ୍ତିମାନ ହୁଅନ୍ତୁ, ସତ୍‌କର୍ମରୁ ଆମକୁ ଶକ୍ତି ମିଳୁ - ଏହା ମକର ସଂକ୍ରାନ୍ତିର ସନ୍ଦେଶ ।

ମକର ସଂକ୍ରାନ୍ତିର ଗୋଟିଏ ଦିନ ପୂର୍ବରୁ ବସନ୍ତ ପୂର୍ବର ଉତ୍ସବ ଲୋହଡି ଉତ୍ତର-ଭାରତ ବିଶେଷକରି ପଞ୍ଜାବରେ ପାଳନ କରାଯାଏ । ମକର ସଂକ୍ରାନ୍ତି ଦିନ ତାମିଲ ହିନ୍ଦୁମାନେ ପୋଙ୍ଗଲ ପର୍ବ ମନାନ୍ତି । ସମଗ୍ର ଦକ୍ଷିଣ ଭାରତୀୟଙ୍କ ପାଇଁ ଏହା ସବୁଠାରୁ ବଡ଼ ପର୍ବ । ଆସାମରେ ବିହୁ ଭାବରେ ପାଳନ କରାଯାଏ ମକର ସଂକ୍ରାନ୍ତି । ଭାରତର ବିଭିନ୍ନ ପ୍ରଦେଶରେ ମକର ସଂକ୍ରାନ୍ତି, ଏହାର ପର୍ବ ଓ ପରଦିନରେ ନାନା ପର୍ବ ପାଳନ କରାଯାଏ । ସୂର୍ଯ୍ୟଙ୍କ ଗତି ସହ ସମ୍ପର୍କ ଥିବା ଯୋଗୁଁ ଏହି ପର୍ବ ଋତୁଚକ୍ର ଓ ଫସଲ ସହ ଜଡ଼ିତ । ସାରା ଭାରତରେ ଏହା ବିଭିନ୍ନ ରୂପରେ ମନାଯାଏ । ଦକ୍ଷିଣାୟନକୁ ଦେବତା ମାନଙ୍କ ରାତି ଅର୍ଥାତ୍ ନକାରାତ୍ମକତା ଓ ଉତ୍ତରାୟଣକୁ ଦେବତାମାନଙ୍କ ଦିନ ଅର୍ଥାତ୍ ସକାରାତ୍ମକତାର ପ୍ରତୀକ ଭାବରେ ଗ୍ରହଣ କରାଯାଏ । ଅନ୍ୟ ଅର୍ଥରେ କୁହାଯାଇପାରେ ଦକ୍ଷିଣାୟନରେ ରାତି ସୁଖଦ ହୁଏ, ଉତ୍ତରାୟଣରେ ଦିନ ଭଲ ହୁଏ । ବୈଦିକ ଯୁଗରେ ଉତ୍ତରାୟଣକୁ ଦେବାୟନ ଓ ଦକ୍ଷିଣାୟନକୁ ପିତୃୟାନ କୁହାଯାଉଥିଲା । ବିଶ୍ୱାସ କରାଯାଏ ପୁଣ୍ୟବାନ ଆତ୍ମାମାନେ ସ୍ୱର୍ଗରେ ମଧ୍ୟ ଏହି ଦିନରେ ପ୍ରବେଶ କରନ୍ତି । ତେଣୁ ଏହା ଆଲୋକର ପର୍ବ । ମକର ସଂକ୍ରାନ୍ତି ଦିନ ସାରା ଦେଶରେ ଗୁଡ଼ିଉଡା ଆରମ୍ଭ କରାଯାଏ । ଭାରତୀୟ ସଂସ୍କୃତି ପଞ୍ଚଦେବତାଙ୍କ ପୂଜାକୁ ଗୁରୁତ୍ୱ ଦିଆଯାଏ । ଶିବ, ବିଷ୍ଣୁ, ଗଣପତି, ଆଦ୍ୟାଶକ୍ତି ଓ ସୂର୍ଯ୍ୟ ଏହି ପଞ୍ଚଦେବତା । ପଞ୍ଚଦେବତାଙ୍କ ପୂଜା, ଉପାସନା, ଆରାଧନା ଓ ଜପ ଦ୍ୱାରା ସାଧକଙ୍କୁ ଲୌକିକ - ପରଲୌକିକ, ନୈତିକ - ଆଧ୍ୟାତ୍ମିକ ସମସ୍ତ ପ୍ରକାର ଲାଭ ମିଳେ । ମକର ସଂକ୍ରାନ୍ତିରେ ନୂତନ ସଂକଳ୍ପ ମଧ୍ୟ ନିଆଯାଏ । ମହାଭାରତ ଯୁଦ୍ଧ ପରେ ପିତାମହ ଭୀଷ୍ମ ଶରଶଯ୍ୟାରେ ରହି ୫୮ ଦିନ ପର୍ଯ୍ୟନ୍ତ ସୂର୍ଯ୍ୟଙ୍କ ଉତ୍ତରାୟଣକୁ ଅପେକ୍ଷା କରିଥିଲେ ।

**ଉତ୍ତରାୟଣ ପର୍ବ କାହିଁକି :** ମକର ସଂକ୍ରାନ୍ତିରୁ ଉତ୍ତରାୟଣ ପର୍ବ ଆରମ୍ଭ ହୁଏ । ଏହା ଦେବତା ମାନଙ୍କ ଦିନ ହୋଇଥିବା ଯୋଗୁଁ ଏହି ଦିନ ଜପ, ତପ, ଦାନ, ସ୍ନାନ, ଶ୍ରାଦ୍ଧ, ତର୍ପଣ ଆଦି ଧାର୍ମିକ କାର୍ଯ୍ୟର ବିଶେଷ ମହତ୍ୱ ରହିଛି । ଏହିଦିନ ଠାରୁ ଦିନ ବଡ଼ ହେବାକୁ ଲାଗେ ଏବଂ ରାତି ଛୋଟ ହେବାକୁ ଲାଗେ । ଦିନ ବଡ଼ ହେବା ଯୋଗୁଁ ଅଧିକ ଆଲୋକ ମିଳେ । ଫଳରେ ତାପମାତ୍ରା କମେ । ଅର୍ଥାତ୍ ମକର ସଂକ୍ରାନ୍ତି ଠାରୁ ଶୀତର ପ୍ରକୋପ କମ୍ ହୋଇଯାଏ । ଅଧିକ ଆଲୋକ ଯୋଗୁଁ ମନୁଷ୍ୟର ଚେତନା ଓ କାର୍ଯ୍ୟଶକ୍ତି ବୃଦ୍ଧି ପାଏ । ଏହି ଦିନ ସୂର୍ଯ୍ୟଙ୍କ ରାଶିରେ ହୋଇଥିବା ପରିବର୍ତ୍ତନକୁ ଅନ୍ଧକାରରୁ ଆଲୋକ ଆଡ଼କୁ ଅଗ୍ରସର ହେବାର ପ୍ରତୀକ ଭାବରେ ବିବେଚନା କରାଯାଏ । ଏହି ଦିନ ରାଶି ଲଡୁ ଭୋଗ କରାଯାଏ । ଏହା ପଛରେ ବୈଜ୍ଞାନିକ କାରଣ ରହିଛି । ଶୀତଦିନେ ଶରୀରକୁ ଉତ୍ତାପର ଆବଶ୍ୟକତା ଥାଏ । ଗୁଡ଼ ଓ ରାଶି ଶରୀରକୁ ଆବଶ୍ୟକ ଉତ୍ତାପ ପ୍ରଦାନ କରନ୍ତି । ରାଶିକୁ ପ୍ରଚୁର ପରିମାଣରେ ତେଲ ଆମ ଶରୀରକୁ ଯାଏ । ଏହା ଶରୀରର ଆବଶ୍ୟକ ଉତ୍ତାପ ରକ୍ଷା କରେ । ସାରା ଭାରତରେ ମକର ସଂକ୍ରାନ୍ତି ଦିନ ଗୁଡ଼ିଉଡା ପର୍ବ ଆରମ୍ଭ ହୁଏ । ମକର ସଂକ୍ରାନ୍ତିରେ ଗୁଡ଼ି ଉଡାଇବା ପଛରେ କୌଣସି ଧାର୍ମିକ କାରଣ ନାହିଁ । କିନ୍ତୁ ଏହାର ମନୋବୈଜ୍ଞାନିକ କାରଣ ରହିଛି । ପୌଷ ମାସରେ ଅଧିକ ଥଣ୍ଡା ଯୋଗୁଁ ଆମ ଶରୀରରେ ଅନେକ ରୋଗ ସୃଷ୍ଟି ହୋଇଥାଏ । ଏହି ଦିନରେ ତ୍ୱଚା ମଧ୍ୟ ଶୁଷ୍କ ହୋଇଯାଏ । ସୂର୍ଯ୍ୟ ଉତ୍ତରାୟଣ ହେଲେ ତାଙ୍କ କିରଣ ଆମ ଶରୀର ପାଇଁ ଔଷଧ ପରି କାମ ଦିଏ । ଗୁଡ଼ି ଉଡାଇବା ସମୟରେ ଆମ ଶରୀର ସିଧାସଳଖ ସୂର୍ଯ୍ୟଙ୍କ କିରଣ ପାଏ । ଏହାଦ୍ୱାରା ଶୀତରୁ ସୃଷ୍ଟି ହୋଇଥିବା ଅନେକ ଶାରୀରିକ ରୋଗ ମନକୁ ମନ ଭଲ ହୋଇଯାଏ ।

**ଆସାମରେ ବିହୁ :** ମକର ସଂକ୍ରାନ୍ତି ଅବସରରେ ଆସାମରେ ବିହୁ ଉତ୍ସବ ପାଳନ କରାଯାଏ । ଏହାକୁ ମାଘ ବିହୁ ମଧ୍ୟ କହନ୍ତି । ଆସାମରେ ଏହା ଏକ ବଡ଼ ପର୍ବ । ଫସଲ ପାଚିବା ଖୁସିରେ ଏହା ପାଳନ କରାଯାଏ । ମାଘ ବିହୁର ପୂର୍ବ ଦିନକୁ ଉରୁକା କୁହାଯାଏ । ଏହି ଦିନ ଲୋକମାନେ ନଦୀକୂଳରେ କିମ୍ବା ଖୋଲା ଜାଗାରେ ନଡ଼ାରେ ଅସ୍ଥାୟୀ ଛାଉଣୀ ବନାନ୍ତି । ରାତିରେ ଗାଁ ଲୋକେ ସମସ୍ତେ ଏଠାରେ ମିଳିମିଶି ଭୋଜି କରନ୍ତି । ଏହି ଛାଉଣୀ ପାଖରେ ରାତିରେ ୪ଟି ବାଉଁଶ ବାନ୍ଧି ନଡ଼ା ଏବଂ କାଠରେ ଉଚ୍ଚ ଖମ୍ବ ତିଆରି କରନ୍ତି ଏହାକୁ ମେଜି କୁହାଯାଏ ।

ସୂର୍ଯ୍ୟ ଆତ୍ମଦେବର ପ୍ରତୀକ ଅର୍ଥାତ୍ ଆମ ଆତ୍ମାର ଯେଉଁ ଦେବତ୍ୱ ନିହିତ ଅଛି ତାହାର ପ୍ରତୀକ । ସୂର୍ଯ୍ୟ ଜ୍ଞାନଶକ୍ତି ଓ ତେଜର ପ୍ରତୀକ । ସେ ସାରା ସଂସାରକୁ ପ୍ରକାଶିତ କରନ୍ତି । ମକର ସଂକ୍ରାନ୍ତି ନିଜ ଭିତରେ ଏହି ଚେତନାକୁ ବିକଶିତ କରିବାର ପର୍ବ । ଆମ ଭିତରେ, ଆମ ଆତ୍ମାରେ ଯେଉଁ ସୂର୍ଯ୍ୟ ଅଛନ୍ତି, ତାଙ୍କ ତେଜ ପ୍ରଖର କରିବାର ଏହା ପର୍ବ । ସୂର୍ଯ୍ୟ ଯେମିତି ବାଦଲରେ ଢ଼ାଙ୍କି ହୋଇଯାଆନ୍ତି, ସେମିତି ଆମର ଆତ୍ମା ମଧ୍ୟ କାମ, କ୍ରୋଧ ଓ ଅହଂକାରରୂପୀ ବାଦଲରେ ଆଚ୍ଛାଦିତ ହୋଇ ରୁହେ । ସୂର୍ଯ୍ୟ ବାଦଲ ମଧ୍ୟରୁ ପୁନଃ ପ୍ରକାଶିତ ହେବା ପରି ଆମେ ନିଜ ଆତ୍ମାର ତେଜ ବିକାଶ କରିବା ଉଚିତ । ଯେମିତିକି ନିରାଶଜନକଙ୍କ ମନରେ ମଧ୍ୟ ଉତ୍ସାହ ଓ ଆନନ୍ଦ ଭରିଯିବ । ତେଣୁ ମନକୁ ବିକାରମୁକ୍ତ କରିବା ପାଇଁ ଆମେ ସୂର୍ଯ୍ୟଙ୍କୁ ପ୍ରାର୍ଥନା କରିବା ଉଚିତ ।




# ନ୍ୟାୟ ପ୍ରଦାନ କ୍ଷେତ୍ରରେ ସହମତ ନାହିଁ

ଦେଶର ଶାସନ ଚଳାଇବା କାର୍ଯ୍ୟ ତିନୋଟି ବିଭାଗ ଉପରେ ପ୍ରଧାନତଃ ନିର୍ଭର କରେ। ସେଇ ତିନୋଟି ବିଭାଗ ହେଉଛି ବିଧିପାଳିକା, କାର୍ଯ୍ୟପାଳିକା ଓ ନ୍ୟାୟପାଳିକା। ଶାସନର ଅଂଶ ନହୋଇ ବି ଗଣମାଧ୍ୟମକୁ ଶାସନର ଚତୁର୍ଥ ସ୍ତମ୍ଭ ଏଇ କାରଣରୁ କୁହାଯାଏ ଯେ ଶାସନ କାର୍ଯ୍ୟ ସମ୍ପର୍କରେ ତିନୋଟି ବିଭାଗ ଯାହା କରନ୍ତି, ସେସବୁ ଗଣମାଧ୍ୟମରେ ପ୍ରସାର ଓ ପ୍ରଚାର କରାଯାଇଥାଏ ଏବଂ ଏହାର ଭଲ ମନ୍ଦ ଦିଗ ସମ୍ପର୍କରେ ଲୋକମାନଙ୍କୁ ଜଣାଇଥାଏ। ସେହିପରି ଲୋକମାନଙ୍କର ଅଭାବ ଅସୁବିଧା ନୂଆ ଆଇନ ସମ୍ପର୍କରେ ପ୍ରତିକ୍ରିୟା ଶାସନର ବିଭିନ୍ନ ବିଭାଗର କାର୍ଯ୍ୟାବଳୀ ଜନସାଧାରଣଙ୍କୁ ଜଣାଇଥାଏ। ଆମ ଦେଶର ଗଣମାଧ୍ୟମ ବେଶ ଦୃଢ଼ ଓ ସଚେତନ ଏବଂ ସ୍ୱାଧୀନତା ସଂଗ୍ରାମରେ ଏହାର ଅବଦାନ ଅନନ୍ୟ। ଏବେ ବି ସୁଶାସନ ଜନସାଧାରଣଙ୍କୁ ସମ୍ପୂର୍ଣ୍ଣ ରୂପେ ମିଳିନାହିଁ। କାର୍ଯ୍ୟପାଳିକାର ଅବହେଳା, ଭୁଲ ଓ ତ୍ରୁଟି ଯୋଗୁଁ ସରକାରଙ୍କ ଜନହିତକର କାର୍ଯ୍ୟର ସୁଫଳ ଲୋକମାନଙ୍କ ପାଖରେ ଠିକ୍ ସମୟରେ ପହଞ୍ଚେ ନାହିଁ। ସେହିପରି କେତେକ ଜରୁରୀ ବିଷୟରେ ଲୋକମାନଙ୍କୁ ଅଧିକାର ଦେବା ପାଇଁ ବିଧିପାଳିକା ଅର୍ଥାତ୍ ବିଧାନସଭା ଯେପରି ଯଥା ସମୟରେ ନୂଆ ଆଇନ ପ୍ରଣୟନ କରିବ କିମ୍ବା ଆଇନକୁ ସଂଶୋଧନ କରିବା ତାହା ମଧ୍ୟ ହୁଏନାହିଁ। ଏ ଦୁଇଟି ବିଭାଗର କାର୍ଯ୍ୟ ଲୋକମାନଙ୍କର ଅଭାବ ଅସୁବିଧା ଦୂର କରିଥାଏ। ସେଥିରେ ତ୍ରୁଟି ହେଲେ ଲୋକମାନେ ନ୍ୟାୟପାଳିକାର ଆଶ୍ରୟ ନିଅନ୍ତି। ଭାରତୀୟ ନ୍ୟାୟ ପ୍ରଦାନ ସଂସ୍ଥାର ଐତିହ୍ୟ ଏବଂ ପରମ୍ପରା ଉଚ୍ଚକୋଟୀର। ଉଚ୍ଚ ନ୍ୟାୟାଳୟ ଏବଂ ସର୍ବୋଚ୍ଚ ନ୍ୟାୟାଳୟ ଲୋକମାନଙ୍କର ବଞ୍ଚିବା ଅଧିକାର, ମତପ୍ରକାଶ କରିବା ଅଧିକାର, ବିଶ୍ୱାସ ଅନୁସାରେ ପୂଜା ପ୍ରାର୍ଥନା କରିବା ଅଧିକାର ପ୍ରଭୃତି ସମ୍ବିଧାନ ପ୍ରଦତ୍ତ ଅଧିକାର କାର୍ଯ୍ୟକାରୀ କରିବାରେ ଯଦି ନ୍ୟାୟପାଳିକା ଓ କାର୍ଯ୍ୟପାଳିକା ମଧ୍ୟରେ ସଂଯୋଗ ଓ ସହଯୋଗ ନଥାଏ ବା ଆଇନର ଦୁରୁପଯୋଗ କରି ଶାସନ କିଛି ନୀତି ବହିର୍ଭୁତ କାର୍ଯ୍ୟ କରେ। ତେବେ ଜନସାଧାରଣ ହିଁ ନ୍ୟାୟ ପାଇବାରୁ ବଞ୍ଚିତ ହୁଅନ୍ତି। ଏଇ କାରଣରୁ ନ୍ୟାୟାଳୟରେ ଶୂନ୍ୟପଦ ରହିବା ଉଚିତ ନୁହେଁ। ସର୍ବୋଚ୍ଚ ନ୍ୟାୟାଳୟର ପ୍ରାୟ ଛଅଟି ପଦ ଖାଲି ରହିଥିବାବେଳେ ୨୪ଟି ଉଚ୍ଚନ୍ୟାୟାଳୟର ୪୦୦ରୁ ଅଧିକ ବିଚାରପତି ପଦ ଖାଲି ରହିଛି। ଜିଲ୍ଲାସ୍ତରୀୟ ନ୍ୟାୟାଳୟ ପାଇଁ ଭିନ୍ନ ବ୍ୟବସ୍ଥା ଥିବାବେଳେ ଉଚ୍ଚ ନ୍ୟାୟାଳୟରେ ଅଧିକାର ଓ କର୍ତ୍ତବ୍ୟ ଜନସ୍ୱାର୍ଥ ରକ୍ଷାପାଇଁ ଅଧିକ ଉପଯୋଗ ହେଉଥିବାରୁ ଉଚ୍ଚନ୍ୟାୟାଳୟମାନଙ୍କରେ ଅଧିକ ଖାଲି ପଦ ରହିଥିବାରୁ ଲୋକଙ୍କୁ ନ୍ୟାୟ ମିଳିବାରେ ବିଳମ୍ବରେ ହେଉଛି। ଉଚ୍ଚନ୍ୟାୟାଳୟ ଓ ସର୍ବୋଚ୍ଚନ୍ୟାୟାଳୟ ପାଇଁ ବିଚାରପତି ମନୋନୟନ ଓ ନିଯୁକ୍ତି କରିବା କାମ ସର୍ବୋଚ୍ଚନ୍ୟାୟାଳୟର ୪ଜଣ ବରିଷ୍ଠ ବିଚାରପତିଙ୍କୁ ନେଇ ଗଠିତ କଲେଜିୟମ ସମ୍ପାଦନ କରିଥାଏ। ଉଚ୍ଚ ନ୍ୟାୟାଳୟର ବିଚାରପତି ପଦ ମନୋନୀତ କରିବା କଲେଜିୟମ ହାତରେ ନ୍ୟସ୍ତ ଥାଏ। ନ୍ୟାୟ ବିଭାଗକୁ କାର୍ଯ୍ୟପାଳିକା ଓ ରାଜନୀତିକ ପ୍ରଭାବରୁ ମୁକ୍ତ ରଖିବା ପାଇଁ କଲେଜିୟମ ବ୍ୟବସ୍ଥା ସୁଚାରୁରୂପେ କାର୍ଯ୍ୟ କରି ଆସୁଛି। କିନ୍ତୁ ଏଥିରେ କାର୍ଯ୍ୟପାଳିକାର କୌଣସି ଭୂମିକା ରହୁନଥିବାରୁ ବିଚାରପତି ମନୋନୟନ, ନିଯୁକ୍ତି ଓ ଉତ୍ତରଦାୟିତ୍ୱ ନିୟନ୍ତ୍ରଣ କରିବା ପାଇଁ ସରକାର ଏକ ବିଲ ପ୍ରଣୟନ କରିଥିଲେ। କିନ୍ତୁ ତାହା ବିରୋଧରେ ବୃହତ୍ତର ଜନସ୍ୱାର୍ଥ ରକ୍ଷା ଉଦ୍ଦେଶ୍ୟରେ ସର୍ବୋଚ୍ଚ ନ୍ୟାୟାଳୟରେ ନିବେଦନ କରାଯିବାରୁ ସର୍ବୋଚ୍ଚ ନ୍ୟାୟାଳୟ ସେଇ ଆଇନ ଅସିଦ୍ଧ କରିଦେଲେ। ତା'ପରେ ନ୍ୟାୟପାଳିକା ଓ କାର୍ଯ୍ୟପାଳିକା ମଧ୍ୟରେ ମନାନ୍ତର ଓ ମତାନ୍ତର ବଢ଼ିବାରେ ଲାଗିଛି। କେତେମାସ ପୂର୍ବେ ଖାଲିଥିବା ଉଚ୍ଚ ନ୍ୟାୟାଳୟର ବିଚାରପତି ନିଯୁକ୍ତ କରିବା ପାଇଁ ସର୍ବୋଚ୍ଚ ନ୍ୟାୟାଳୟ ଅନୁମୋଦନ କରିଥିବା ୭୭ ଜଣ ପ୍ରାର୍ଥୀଙ୍କ ନାମ ସରକାରଙ୍କ ପାଖକୁ ପଠାଇଥିଲେ। ସେଥିରେ ଅନେକ ବିଳମ୍ବ ଘଟିବାରୁ ସର୍ବୋଚ୍ଚ ନ୍ୟାୟାଳୟ ପ୍ରଧାନ ବିଚାରପତି ଏ ବିଷୟରେ ପ୍ରଧାନମନ୍ତ୍ରୀଙ୍କ ସହିତ ଆଲୋଚନା କରିବା ପରେ ଶେଷରେ ସରକାର ଏଥିରୁ ୩୪ ଜଣଙ୍କୁ ନିଯୁକ୍ତି ଦେବା ପାଇଁ ନିଷ୍ପତ୍ତି ନେଲେ ଏବଂ ଆଉ ୪୪ଜଣଙ୍କ ନାମ ସର୍ବୋଚ୍ଚ ନ୍ୟାୟାଳୟକୁ ଫେରାଇ ଦେଲେ। ସର୍ବୋଚ୍ଚ ନ୍ୟାୟାଳୟର ବରିଷ୍ଠ ବିଚାରପତିଙ୍କ ଦ୍ୱାରା ମନୋନୀତ ୪୪ଜଣଙ୍କର ନାମ ସରକାର ଅନୁମୋଦନ ନକରିବା ଏକ ବିରଳ ଘଟଣା। ପ୍ରଥମ କଥା ହେଉଛି ଯେ ଏହି ୪୪ଜଣଙ୍କୁ ସରକାର କାହିଁକି ଗ୍ରହଣ କଲେ ନାହିଁ ସେ ବିଷୟରେ ଅବଶ୍ୟ ସର୍ବୋଚ୍ଚ ନ୍ୟାୟାଳୟକୁ ଜଣାଇଥିବେ। ସରକାରଙ୍କ ସୁପାରିଶ ଯଦି ସର୍ବୋଚ୍ଚ ନ୍ୟାୟାଳୟର କଲେଜିୟମ ଗ୍ରହଣ ନକରନ୍ତି ଏବଂ ସେହି ନାମ ପୁନର୍ବାର ସରକାରଙ୍କ ପାଖକୁ ପଠାନ୍ତି ତେବେ ସେ ୪୪ଜଣଙ୍କୁ ମଧ୍ୟ ନିଯୁକ୍ତି ଓ ଉତ୍ତରଦାୟିତ୍ୱ ଆଇନ ରଦ୍ଦ କରିଦେବା ପରେ ଆଉ ଏ ବିଷୟ ଯେ ଅଧିକ ଘ୍ଣାଚକଟା ନକରି ଅବଶିଷ୍ଟ ୪୪ଜଣଙ୍କୁ ସରକାର ନିଯୁକ୍ତି ଦବା ପାଇଁ ଯଦି ରାଜି ହୁଅନ୍ତି ତେବେ ଗୃହପ୍ରବେଶ ପୂର୍ବରୁ ମଥାରେ ଚାଳ ବାଜିବା ପରି ଅବସ୍ଥା ସୃଷ୍ଟି ହେବ। ଏଇ ବ୍ୟବସ୍ଥା ଅନୁସାରେ ଯଦି ବିଚାରପତି ନିଯୁକ୍ତି କରାନଯାଏ ବା ସେଥିରେ ବିଳମ୍ବ ହୁଏ ତେବେ ଅଦାଲତ କାର୍ଯ୍ୟରେ ପ୍ରତିବନ୍ଧକ ସୃଷ୍ଟି ହେବ। କୁହାଯାଇଛି ଯେ ବିଳମ୍ବରେ ନ୍ୟାୟ ପ୍ରଦାନ କରିବା ନ୍ୟାୟ ନଦେବା ସହିତ ସମାନ। ସୁତରାଂ ଏ ବିଷୟରେ ସୁପ୍ରିମକୋର୍ଟ ଓ ସରକାରଙ୍କ ମଧ୍ୟରେ ଯେତେ ଶୀଘ୍ର ବୁଝାମଣା ଓ ନିଷ୍ପତ୍ତି ନିଆଯାଇପାରେ ତାହା ନ୍ୟାୟ ପ୍ରଦାନ ବ୍ୟବସ୍ଥାକୁ ସେହି ପରିମାଣରେ ଲୋକାଭିମୁଖୀ କରିବ। ଉଭୟଙ୍କ ମଧ୍ୟରେ ବୁଝାମଣା ଜନସ୍ୱାର୍ଥ ରକ୍ଷା କରିବା ଦିଗରେ କେବଳ ସହାୟକ ହେବ ନାହିଁ, ନ୍ୟାୟ ପ୍ରଦାନ ବ୍ୟବସ୍ଥାକୁ ଅଧିକ ସକ୍ରିୟ ଓ ଗତିଶୀଳ କରିବ।

## ବଡ଼ଝରିଲୋ କାଳୀପୂଜା ପାଇଁ ବୈଠକ

ଫୁଲନଖରା (ପିଏନ୍)-ସଦର ଥାନା ଅନ୍ତର୍ଗତ ବଡ଼ଝରିଲୋ ମା' ଶ୍ୟାମାକାଳୀ ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ୪୯ତମ ବାର୍ଷିକ ମା'ଶ୍ୟାମାକାଳୀଙ୍କ ପୂଜା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆସନ୍ତା ୨୪ତାରିଖଠାରୁ ଆରମ୍ଭ ହୋଇ ୩୧ତାରିଖ ୮ଦିନ ପର୍ଯ୍ୟନ୍ତ ଚାଲିବ। ଏହି ଉପଲକ୍ଷେ ଏକ ପ୍ରେସ୍ ମିଟ ସୁବୋଧ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସଭାପତି ଅନୁପ ସାସମଲ, ସମ୍ପାଦକ ମନୋରଂଜନ ଦାସ, ସାଂସ୍କୃତିକ ସମ୍ପାଦକ ଦିନେଶ ଦାସ, ଶୈଳେନ ଦାସ, ନିତାଇଗୌର ଦାସ, ରବିନାରାୟଣ ଦାସ, କାମଦେବ ଭୋଇ ଓ ରମେଶଚନ୍ଦ୍ର ସ୍ୱାଇଁଙ୍କ ସମେତ ସୌମ୍ୟରଂଜନ ପଟ୍ଟନାୟକ, ବାବାନୀ ସିହ୍ନା, ସୁଶାନ୍ତ ସାସମଲ ପ୍ରମୁଖ ଉପସ୍ଥିତ ଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ଆକାରରେ ଚାରିଦିନ ବ୍ୟାପୀ ସାମାଜିକ ନାଟକ ପ୍ରତିଯୋଗିତା ସହିତ ଭଜନ ସଂଧ୍ୟା, ପୁରସ୍କାର ବିତରଣ ଉତ୍ସବ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହେବ; ଏତଦ୍‌ବ୍ୟତୀତ ଫୁଲନଖରା-ନିଆଳି ରାସ୍ତାପାର୍ଶ୍ୱ ଶ୍ୟାମାକାଳୀ ପଡ଼ିଆରେ ଶତାଧିକ ଅସ୍ଥାୟୀ ଦୋକାନକୁ ନେଇ ମୀନାବଜାର ଖୋଲିବ ବୋଲି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଥିଲା। ଉତ୍ସବର ସୁପରିଚାଳନା ତଥା ଶାନ୍ତିଶୃଙ୍ଖଳା ପାଇଁ ସଦର ଥାନା ପକ୍ଷରୁ ଏକ ପ୍ଲାଟୁନ ପୁଲିସ ମୁତୟନ ହେବ ଓ ନଭେମ୍ବର ୧ରେ ଭସାଣ କାର୍ଯ୍ୟ ସମ୍ପନ୍ନ ହେବାକୁ ସ୍ଥିର ହୋଇଥିଲା। ଦୀପକ ପାଲ ଓ ସନ୍ତୋଷ ସିହ୍ନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବ୍ରାହ୍ମଣଝରିଲୋ କଲେଜରୁ ୪୬ ୟୁନିଟ ରକ୍ତ ସଂଗ୍ରହ



ଫୁଲନଖରା (ପିଏନ୍)-ବାରଙ୍ଗ ବ୍ଲକ ଅନ୍ତର୍ଗତ ବ୍ରାହ୍ମଣଝରିଲୋ ମହାବିଦ୍ୟାଳୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। କଲେଜର ୟୁଥ ରେଡ଼କ୍ରସ, ଏନଏସଏସ ଓ ଏନସିସି ଛାତ୍ରଛାତ୍ରୀମାନଙ୍କ ପକ୍ଷରୁ ଆୟୋଜିତ ଏହି ଶିବିରରୁ କଟକ କେନ୍ଦ୍ରୀୟ ରେଡ଼କ୍ରସ ରକ୍ତଭଣ୍ଡାର ଡାକ୍ତର ଅଭୟ ପାତ୍ର ଓ କର୍ମଚାରୀଙ୍କ ସହାୟତାରେ ମୋଟ ୪୬ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା। କଲେଜ ଅଧକ୍ଷ ପ୍ରବୁଦ୍ଧକୁମାର ଷଡ଼ଙ୍ଗୀ ଶିବିରକୁ ଉଦ୍‌ଘାଟନ କରିଥିଲେ। ଅଧ୍ୟାପକ ବିଜୟ କୁମାର ଦାସ, ଅକ୍ଷୟ କୁମାର ଆଞ୍ଚଳ, ଅଧ୍ୟାପିକା ପ୍ରଜ୍ଞା ବେହେରା, ଉପାସନା ସାହୁ ଓ ଆଶାଲତା ନାଥ ସ୍ୱେଚ୍ଛାସେବୀଙ୍କୁ ଉତ୍ସାହିତ କରିବା ସହିତ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ବିପୁଳ ପରିମାଣରେ ଜିଞ୍ଜିର ଜବତ: ଦୁଇ ଗିରଫ

ବାଲେଶ୍ୱର (ପିଏନ୍)-ଖନ୍ତପଡ଼ା ଥାନା ଅନ୍ତର୍ଗତ ଶେରଗଡ଼ ଅଞ୍ଚଳରୁ ଚୋରା ଚାଲାଣ ବେଳେ ବାଲେଶ୍ୱର ଅବକାରୀ ବିଭାଗ ଏକ ଟାଟା ଏସି ବୋଝେଇ ଜିଞ୍ଜିର ଜବତ କରିଛି। ଏଥିସହିତ ଦୁଇଜଣ ଅଭିଯୁକ୍ତକୁ ଗିରଫ କରିଥିବାର ଜଣାପଡ଼ିଛି। ସୂଚନା ଥାଉ କି, ପଶ୍ଚିମବଙ୍ଗରୁ ବାଲେଶ୍ୱର ସୋର ଅଞ୍ଚଳକୁ ଯାଉଥିବା ପିକପ୍ ଗାଡ଼ି ଯାହାର ନଂ- ଓଡ଼ି ୦୯- କ୍ୟୁ ୩୯୨୬ ଗାଡ଼ିରେ ବିପୁଳ ପରିମାଣରେ ନିଶା ଦ୍ରବ୍ୟ ଜିଞ୍ଜିର ଚୋରା ଚାଲାଣ ହେଉଥିବା ଖବର ପାଇ ବାଲେଶ୍ୱର ଅବକାରୀ ବିଭାଗ ଚଢ଼ାଉ କରି ଜବତ କରିଛି। ଏହି ଗାଡ଼ିରେ ୫୦୦ ବୋତଲ ଜିଞ୍ଜିର ଯାହାର ବଜାର ମୂଲ୍ୟ ୨ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ଜବତ ହୋଇଛି। ଏହି କାରବାରରେ ସଂପୃକ୍ତ ୨ ଜଣ ଅଭିଯୁକ୍ତ ନିରଞ୍ଜନ ମଲ୍ଲିକ, ସଞ୍ଜୟ ମଲ୍ଲିକଙ୍କୁ ଗିରଫ କରାଯାଇଛି।

# ଗର୍ଭାବସ୍ଥାରେ ମଧୁମେହ

ଏମିତି ବି ହୋଇପାରେ ଗର୍ଭାବସ୍ଥାରେ ହୋଇଥିବା ଡାଇବେଟିସ୍ ସ୍ଥାୟୀ ଭାବରେ ରହେନାହିଁ। ସୁସ୍ଥ ଖାଦ୍ୟପେୟ ଓ ବ୍ୟାୟାମ କରିବା ଦ୍ୱାରା ଏହା ଦୂରେଇ ଯାଏ। ଏହା କିନ୍ତୁ ଗର୍ଭବତୀ ମହିଳାଙ୍କ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଏ। ଏଣୁ ଗର୍ଭଧାରଣ କରିଥିବା ପ୍ରତ୍ୟେକ ମହିଳା ଶୁଗାର ସ୍ତର ପରୀକ୍ଷା କରିବା ଦରକାର। ଏହାର ଶିକାର ହେବା ଦ୍ୱାରା ଉଭୟ ମା' ଓ ପିଲାର ପ୍ରଭାବିତ ହୋଇଥାନ୍ତି। ଗର୍ଭକାଳୀନ ମଧୁମେହ ଯୋଗୁଁ ମା'ଓ ପିଲା ଉଭୟଙ୍କ ପାଇଁ ଶରୀରରୁ ଆବଶ୍ୟକ ଇନ୍‌ସୁଲିନ ନିର୍ଗତ ହୋଇପାରେ ନାହିଁ। ଫଳରେ ମା' ଓ ପିଲା ଅସୁସ୍ଥ ହୋଇଥାନ୍ତି। ପିଲା ଜନ୍ମ ହେବା ପରେ ମା' ଠାରେ ଡାଇବେଟିସ୍ ରହିନପାରେ। ହେଲେ ଏହା ଗର୍ଭାବସ୍ଥାରେ ଦେଖାଯାଏ। ତେବେ ଗର୍ଭାବସ୍ଥାରେ ମଧୁମେହ ହେବାର କାରଣ କ'ଣ ହୋଇପାରେ।

**କାରଣ:** ଯଦିଓ ଗର୍ଭକାଳୀନ ଡାଇବେଟିସ୍ ବଂଶଗତ ନୁହେଁ, ଏହା ଗର୍ଭବତୀ ମହିଳାଙ୍କୁ ବିଭିନ୍ନ କାରଣରୁ ପ୍ରଭାବିତ କରିଥାଏ। ଗର୍ଭାବସ୍ଥାରେ ଡାଇବେଟିସ୍ ହେବାର ବିଭିନ୍ନ କାରଣ ମଧ୍ୟରୁ ପ୍ରଥମ ମୁଖ୍ୟ କାରଣ ହେଉଛି ଅଧିକ ଓଜନ। ମେଦବହୁଳ ଓ ଅଧିକ ଓଜନ ହୋଇଥିବା ମହିଳାମାନେ ଗର୍ଭାବାସ୍ଥାରେ ଡାଇବେଟିସର ଶିକାର ହୋଇଥାନ୍ତି। ଏଣୁ ଏପରି ମହିଳାମାନେ ଗର୍ଭବତୀ ପୂର୍ବରୁ ଡାକ୍ତରଙ୍କ ପରାମର୍ଶରେ ରୁହନ୍ତୁ। ଦ୍ୱିତୀୟତଃ ଯଦି ବଂଶରେ କାହାର ଡାଇବେଟିସ୍ ଥାଏ ତାହାହେଲେ ଗର୍ଭାବସ୍ଥାରେ ଡାଇବେଟିସ୍ ହେବାର ଆଶଙ୍କା ଥାଏ। ତୃତୀୟରେ ଯଦି ଆପଣ ଡାଇବେଟିସ୍‌ର ଶିକାର ହୋଇନଥାନ୍ତି, କିନ୍ତୁ ରକ୍ତରେ ଶୁଗାର ସ୍ତର ଅଧିକ ରହିଛି, ତାହାହେଲେ ଗର୍ଭାବସ୍ଥାରେ ଡାଇବେଟିସ୍ ହୋଇଥାଏ।

ଚତୁର୍ଥରେ ପ୍ରଥମ ସନ୍ତାନ ସମୟରେ ଯଦି ଡାଇବେଟିସ୍ ନଥାଏ ହେଲେ ଆପଣଙ୍କର ପ୍ରସବ ପିଲାର ଓଜନ ୪ କେଜିରୁ ଉପରକୁ ଥିଲେ ଦ୍ୱିତୀୟ ଥର ଗର୍ଭାବସ୍ଥାରେ ଡାଇବେଟିସ୍‌ର ଆଶଙ୍କା ଅଧିକ ବଢ଼ିଯାଏ। ଶେଷରେ ୨୫ ବର୍ଷରୁ ଉର୍ଦ୍ଧ୍ୱ ବୟସରେ ଗର୍ଭବତୀ ହେଲେ ଗର୍ଭାବସ୍ଥାରେ ଡାଇବେଟିସ୍‌ର ଆଶଙ୍କା ବଢ଼ିଯାଏ। ଅନ୍ୟପକ୍ଷରେ ପିସିଓଡ଼ି, ପିସିଓଡି ଯୋଗୁଁ ରକ୍ତରେ ଉଚ୍ଚ ଶୁଗାର ସ୍ତର ଆଦି ଥିଲେ ଗର୍ଭାବସ୍ଥା ଡାଇବେଟିସ୍‌ର ଆଶଙ୍କା ବଢ଼ିଯାଏ।

**ଲକ୍ଷଣ:** ଗର୍ଭାବସ୍ଥାରେ ଡାଇବେଟିସ୍ ଗର୍ଭଧାରଣର ୨୪ ସପ୍ତାହ ପରେ ଶୁଗାର ପରୀକ୍ଷାରୁ ଜଣାପଡ଼େ। ଏହି ଡାଇବେଟିସ୍‌ର ଲକ୍ଷଣ ଖୁବ୍ କମ୍ ଦେଖାଯାଏ। ଏଣୁ ଏହାକୁ ଚିହ୍ନଟ କରିବା ସହଜ ହୋଇନଥାଏ। ଗର୍ଭଧାରଣ ମାସେ ଭିତରେ ଯଦି ଦୁର୍ବଳ ଲାଗୁଥାଏ, ପାଟି ଶୁଖିଯାଉଥାଏ ତାହାଲେ ରକ୍ତରେ ଶୁଗାର ସ୍ତର ପରୀକ୍ଷା କରିବା ଦରକାର। ଏହି ପରୀକ୍ଷା ବିଳମ୍ବ କରିବା ଅନୁଚିତ। ଗର୍ଭାବସ୍ଥା ସମୟରେ ବାରମ୍ବାର ପରିସ୍ରା ଲାଗୁଥିଲେ, ଏ ବିଷୟରେ ଡାକ୍ତରଙ୍କୁ ନିଶ୍ଚିତ ଜଣାନ୍ତୁ। ବାରମ୍ବାର ଶୋଷ ହେଉଥିଲେ ଅବା ତ୍ଣି ଶୁଖିଯାଉଥିଲେ ଡାକ୍ତରଙ୍କୁ ଜଣାନ୍ତୁ। କାରଣ ଏହା ମଧ୍ୟ ଗର୍ଭାବସ୍ଥାରେ ଡାଇବେଟିସ୍‌ର ସୂକ୍ଷ୍ମ ଲକ୍ଷଣ। ଯଦି ରକ୍ତରେ ଶୁଗାର ସ୍ତର ଅସାମାନ୍ୟ ହୋଇଥାଏ ଡାକ୍ତରଙ୍କୁ ଜଣାନ୍ତୁ। କାରଣ ଅନ୍ୟାନ୍ୟ ଦିନ ଅପେକ୍ଷା ଏହି ସମୟରେ ଅଧିକ ଖାଦ୍ୟ ଗ୍ରହଣ କରୁଥିବାରୁ ଶୁଗାର ସ୍ତର ବଢ଼ିଯାଏ। ଶୁଗାର ସ୍ତର ବଢ଼ିବା ହେତୁ ଥକ୍କା ଲାଗେ, ପରିସ୍ରା ଅଧିକ ଲାଗେ ଓ ଶୋଷ ଅଧିକ ଲାଗେ। ଗର୍ଭାବସ୍ଥାରେ ମଧୁମେହ ବିଭିନ୍ନ ପ୍ରକାର କାରଣ ହେତୁ ହୋଇଥାଏ, ସେହିପରି ଏହାର ଲକ୍ଷଣ ମଧ୍ୟ ବିଭିନ୍ନ ପ୍ରକାର ଦେଖାଯାଇଥାଏ। ଏଣୁ ଗର୍ଭାବସ୍ଥାରେ ସୁରକ୍ଷିତ ରହିବା ପାଇଁ ସମସ୍ତ ପ୍ରକାର ପରୀକ୍ଷା କରି ଡାକ୍ତରଙ୍କ ପରାମର୍ଶରେ ରୁହନ୍ତୁ।

**ପ୍ରତିକାର:** ଗର୍ଭାବସ୍ଥାରେ ମଧୁମେହଠାରୁ ଦୂରେଇ ରହିବା ପାଇଁ ପ୍ରଥମତଃ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ। ଡାଏଟ୍ ଚାର୍ଟ କରନ୍ତୁ। ସୁସ୍ଥ ଖାଦ୍ୟ ଖାଆନ୍ତୁ। ପ୍ରତିଦିନ ତିନିଥର ମଧ୍ୟମ ଧରଣର ଭୋଜନ କରନ୍ତୁ। ଦୁଇଥରରୁ ଅଧିକ ଜଳଖିଆ କରନ୍ତୁ ନାହିଁ। ମିଠା ପାନୀୟ, ମିଠା ଫଳ, ଜୁସ୍ ଆଦିଠାରୁ ଦୂରେଇ ରୁହନ୍ତୁ। ପ୍ରୋଟିନ୍ ଜାତୀୟ ଖାଦ୍ୟ ଖାଆନ୍ତୁ। ଦୁଗ୍ଧ ଜାତୀୟ ଖାଦ୍ୟ ଖାଆନ୍ତୁ। ତନ୍ତୁ ଜାତୀୟ ଖାଦ୍ୟ ମଧ୍ୟ ସାମିଲ କରନ୍ତୁ। ଆଜିକାଲି ଏପରି ହେଲାଣି ଗର୍ଭାବସ୍ଥାରେ ଡାଇବେଟିସ୍ ରୋକିବାକୁ ବହୁ କଷ୍ଟସାଧ୍ୟ। କାରଣ ଯାହା ବି ପନିପରିବା ଖାଉଛେ, ସେଥିରେ କୀଟନାଶକ ଔଷଧ ଓ ରଙ୍ଗମିଶା ଯାଉଛି, ଯାହା ରକ୍ତରେ ଶୁଗାର ସ୍ତର ବଢ଼ାଇବାରେ ସହାୟକ ହୋଇଥାଏ। ଏଣୁ ଆମକୁ ସୁସ୍ଥ ଓ ସକ୍ରିୟ ଜୀବନଶୈଳୀ ପାଳନ କରିବା ଦରକାର। ଏଣୁ ଖାଦ୍ୟପେୟ ପ୍ରତି ଟିକେ ସଚେତନ ହେବା ସହ ଡାକ୍ତରଙ୍କ ପରାମର୍ଶରେ ରହିବା ଦରକାର। ଗର୍ଭାବସ୍ଥା ସମୟରେ ସକାରାତ୍ମକ ପରୀକ୍ଷଣ ପରେ ଉଚିତ ଆହାର ଓ ବ୍ୟାୟାମ କରିବା ଦରକାର। କେତେକ ମହିଳା ବ୍ୟାୟାମ କରିବା ବନ୍ଦ କରିଦିଅନ୍ତି। ଅସ୍ୱାସ୍ଥ୍ୟକର ଖାଦ୍ୟପେୟ ପ୍ରତି ଧ୍ୟାନ ଦିଅନ୍ତି ନାହିଁ। ଫଳରେ ୨୪ ସପ୍ତାହ ବେଳକୁ ଗର୍ଭବତୀ ମଧୁମେହର ଶିକାର ହୋଇଥାଏ। ଏଣୁ ଖାଦ୍ୟପେୟ ଓ ବ୍ୟାୟାମ ଦିଗ ପ୍ରତି ସର୍ବଦା ସତର୍କ ରହିବା ଦରକାର। କାରଣ ମା' ସୁସ୍ଥ ରହିଲେ ହିଁ ଶିଶୁ ସୁସ୍ଥ ରହିପାରିବ। ଯଦି ପୂର୍ବରୁ କେବେ ବ୍ୟାୟାମ କରିନାହାନ୍ତି ତେବେ ଏହି ସମୟରେ ସକାଳ ଉଠି ୩୦-୪୫ ମିନିଟ ବ୍ୟାୟାମ କରନ୍ତୁ। ଅତିକମ୍‌ରେ ସପ୍ତାହରେ ତିନିଦିନ କରନ୍ତୁ। ଗହମରୁ ପ୍ରସ୍ତୁତ ରୋଟି, ତନ୍ତୁଜାତୀୟ ଖାଦ୍ୟ, ପ୍ରୋଟିନଯୁକ୍ତ ଖାଦ୍ୟ ଖାଆନ୍ତୁ। ଯାହା ରକ୍ତରେ ଶୁଗାର ସ୍ତରକୁ ନିୟନ୍ତ୍ରଣରେ ରଖିବାରେ ସହାୟକ ହୁଏ। ବ୍ୟାୟାମ ସହିତ ଶରୀରକୁ ଆବଶ୍ୟକୀୟ ଖାଦ୍ୟ ଖାଆନ୍ତୁ। ଯଦି ଆପଣ ଗର୍ଭାବସ୍ଥା ପୂର୍ବରୁ ମୋଟା ଥାଆନ୍ତି, ତେବେ ଅସ୍ୱାସ୍ଥ୍ୟକର ପ୍ରଣାଳୀରେ ପତଳା ହୁଅନ୍ତୁ ନାହିଁ। ଏହା ଗର୍ଭସ୍ଥ ଶିଶୁକୁ ପ୍ରଭାବିତ କରିବ। ଏଣୁ ସର୍ବଦା ସ୍ତ୍ରୀରୋଗ ବିଶେଷଜ୍ଞଙ୍କ ପରାମର୍ଶ ନେଇ ଓଜନ ହ୍ରାସ କରନ୍ତୁ ଓ ଖାଦ୍ୟପେୟ ତାଲିକା କରି ଖାଦ୍ୟ ଖାଆନ୍ତୁ। ଏହାଦ୍ୱାରା ଡାଇବେଟିସ୍‌ରୁ ଦୂରେଇ ରହିପାରିବେ।

## ଚୁକ୍ତିଭିତ୍ତିକ ନିଯୁକ୍ତି ବ୍ୟବସ୍ଥା ସମାପ୍ତ ଘୋଷଣାକୁ ହିନ୍ଦ୍ ମଜଦୁର ସଭାର ସ୍ୱାଗତ

ଭୁବନେଶ୍ୱର (ପିଏନ୍): ରାଜ୍ୟ ସରକାରଙ୍କ ଅଧିନରେ ଠିକା କର୍ମଚାରୀ ଭାବେ କାର୍ଯ୍ୟରତ ୫୭ ହଜାର ଚୁକ୍ତିଭିତ୍ତିକ କର୍ମଚାରୀଙ୍କୁ ନିୟମିତ କରିଥିବାରୁ ହିନ୍ଦ ମଜଦୁର ସଭାର ରାଜ୍ୟ ଉପାଧ୍ୟକ୍ଷ ରବି ରଥ ସ୍ୱାଗତ କରିବା ସହ ରାଜ୍ୟରେ କାର୍ଯ୍ୟରତ ଅଢ଼େଇ ଲକ୍ଷ ଆଉଟସୋର୍ସିଂ କର୍ମଚାରୀଙ୍କୁ ଠିକାଦାରଙ୍କ କବଳରୁ ମୁକ୍ତ କରାଯାଉ ବୋଲି ଶ୍ରୀ ରଥ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ତେବେ ଚୁକ୍ତିଭିତ୍ତିକ ନିଯୁକ୍ତିଠାରୁ ଆହୁରି ଭୟଙ୍କର ଶୋଷଣକାରୀ ବ୍ୟବସ୍ଥା ରୂପେ ପରିଚିତ ଆଉଟସୋର୍ସିଂ ବ୍ୟବସ୍ଥା ଏବେବି ରାଜ୍ୟରେ ଅବ୍ୟାହତ ରହିଛି। ଖୋଦ୍ ରାଜ୍ୟ ସରକାରଙ୍କ ଅଧିନରେ ପ୍ରାୟ ଅଢ଼େଇ ଲକ୍ଷ ଯୁବକ ଯୁବତୀ ବିଭିନ୍ନ ଘରୋଇ ସର୍ଭିସ୍ ପ୍ରୋଭାଇଡର ଏଜେନ୍ସି ଅଧୀନରେ ନିଯୁକ୍ତ ହୋଇ ନାମକୁ ମାତ୍ର ଦରମାରେ ବର୍ଷ ବର୍ଷ ଧରି ଚାକିରିର ଅସୁରକ୍ଷା ଭିତରେ କାମ କରୁଛନ୍ତି। ଏହାବ୍ୟତୀତ ସେମାନଙ୍କ ଚାକିରି ସର୍ତ୍ତାବଳୀ ନଥିବାରୁ ଠିକାଦାରମାନେ ମନଇଚ୍ଛା ଛଟେଇ କରିବା ସହ ଇଏସଆଇ ଓ ଇପିଏଫ୍ ଜମା ନ କରିବା ଏବଂ ପ୍ରତି ମାସର ନିର୍ଦ୍ଦିଷ୍ଟ ତାରିଖରେ ଦରମା ନ ଦେବା ଦୈନନ୍ଦିନ ବିଷୟ ହୋଇଛି। ନା ସେମାନଙ୍କ ଦରମାରେ ନିୟମିତ ବୃଦ୍ଧି ଘଟୁଛି ନା ସେମାନଙ୍କୁ ସରକାରୀ କର୍ମଚାରୀଙ୍କ ପରି ଛୁଟି ଓ ଅନ୍ୟାନ୍ୟ ସୁବିଧା ମିଳୁଛି। ସରକାର ସେମାନଙ୍କୁ ନିଜ କାମରେ ଲଗାଇବା ସତ୍ତ୍ୱେ କୌଣସି ଅସୁବିଧା ହେଲେ ନିଜର କର୍ମଚାରୀ ନୁହନ୍ତି ବୋଲି କହିବାକୁ ପଛାଉ ନାହାନ୍ତି। ଯଦି ସରକାର କୌଣସି କାରଣରୁ ସର୍ଭିସ୍ ପ୍ରୋଭାଇଡରକୁ ବଦଳାନ୍ତି ତାହାହେଲେ ସେହି ସଂସ୍ଥା ସହିତ ତା' ମାଧ୍ୟମରେ ସରକାରୀ ସେବାରେ ନିୟୋଜିତ ସବୁ କର୍ମଚାରୀ ନିଜର ଚାକିରି ହରାନ୍ତି। ଏପରିକି ସେମାନେ ପାଉଥିବା ସ୍ୱଳ୍ପ ଦରମାର ୧୮% ବା ପ୍ରାୟ ଏକ ପଞ୍ଚମାଂସ ଜିଏସଟି ବାବଦରେ ପୁନଶ୍ଚ ସରକାରଙ୍କ ତହବିଲରେ ଜମା କରିବାକୁ ପଡ଼ୁଛି। ବର୍ତ୍ତମାନ ଆଉଟସୋର୍ସିଂ ବ୍ୟବସ୍ଥାରେ ଗୋତି ଶ୍ରମିକଙ୍କ ପରି ନିଯୁକ୍ତ ରାଜ୍ୟର ଲକ୍ଷାଧିକ କର୍ମଚାରୀଙ୍କୁ କେବେ ସ୍ଥାୟୀ କରିବେ ସରକାର ଘୋଷଣା କରିବେ କି? ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ସୁପ୍ରିମକୋର୍ଟର ଗାଇଡ ଲାଇନ ଅନୁସାରେ ଜଣେ କର୍ମଚାରୀ ନିଯୁକ୍ତି କ୍ଷେତ୍ରରେ ସମାନ କାମକୁ ସମାନ ଦରମା ଓ ସରକାରୀ କର୍ମଚାରୀ ପାଇବା ଭଳି ସୁବିଧା ସୁଯୋଗ ପ୍ରଦାନ ପାଇଁ ନିର୍ଦ୍ଦେଶନାମା ଥିଲେ ମଧ୍ୟ ଏଥିପ୍ରତି ସରକାର ଭୃକ୍ଷେପ କରୁନାହାନ୍ତି। ଗୋଟିଏ ଜନକଲ୍ୟାଣ ରାଜ୍ୟର ଜଣେ ବରିଷ୍ଠ ଅଧିକାରୀ କିମ୍ବା ମନ୍ତ୍ରୀ ଲକ୍ଷାଧିକ ଟଙ୍କା ପାଉଥିବା ବେଳେ ତଳିଆ କର୍ମଚାରୀ ସର୍ବନିମ୍ନ ୨୫ ହଜାର ଟଙ୍କା ପାଇବା ଆବଶ୍ୟକ। କିନ୍ତୁ ଏ କ୍ଷେତ୍ରରେ ସମ୍ପୂର୍ଣ୍ଣ ବିଭ୍ରାଟ ଦେଖାଦେଇଛି। ଗ୍ରାମରକ୍ଷୀ, ଗ୍ରାମ ରୋଜଗାର ସେବକ, ଆୟୁଷ୍ ଡ଼ାକ୍ତର, ସୁରକ୍ଷା କର୍ମୀ ବହୁ ସ୍ୱଳ୍ପ ଦରମାରେ ପରିବାର ପ୍ରତିପୋଷଣ କରିବା ଦୁର୍ବିସହ ହୋଇପଡ଼ିଛି। ତେଣୁ ଏ ଦିଗରେ ରାଜ୍ୟ ସରକାର ଦୃଷ୍ଟି ଦେବା ପାଇଁ ହିନ୍ଦ୍ ମଜଦୁର ସଭା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି।

## ସ୍ୱାମୀ ଆଗରେ ସ୍ତ୍ରୀଙ୍କୁ ଗଣଦୁଷ୍କର୍ମ

ବାଲେଶ୍ୱର (ପିଏନ୍)-ସ୍ୱାମୀକୁ ମାଡ଼ମାରି ସ୍ତ୍ରୀଙ୍କୁ ବଳପୂର୍ବକ ଗଣଦୁଷ୍କର୍ମ କରିବା ଘଟଣା ସବୁ ସୀମା ଲଙ୍ଘି ଯାଇଛି। ଏହାସହିତ ଅଭିଯୁକ୍ତମାନେ ୧୦ ହଜାର ଟଙ୍କା ନେଇ ଫେରାର ହୋଇ ଯାଇଛନ୍ତି। ସହଦେବ ଖୁଣ୍ଟା ଥାନା ଅଞ୍ଚଳରେ ଏଭଳି ଅଭାବନୀୟ ଘଟଣା ଘଟିଛି। ଅଭିଯୋଗ ଅନୁଯାୟୀ ଟାଉନ୍‌ଥାନା ଅନ୍ତର୍ଗତ ଚୂନଭାଟି ଅଞ୍ଚଳରେ ଏକ ଦମ୍ପତି ନିଜର ଜଣେ ସମ୍ପର୍କୀୟଙ୍କୁ ଛାଡ଼ିବାପାଇଁ ବାଲେଶ୍ୱର ରେଲଷ୍ଟେସନକୁ ଯାଇଥିଲେ। ସଂପର୍କୀୟଙ୍କୁ ଛାଡ଼ି ଘରକୁ ଫେରିବା ବାଟରେ ଅରଡ଼ ବଜାର ନିକଟରେ କିଛି ଯୁବକ ସେମାନଙ୍କୁ ଅଟକାଇ ଥିଲେ। ସେଠାରୁ ତାଙ୍କଠାରୁ ସୁନାଚେନ ଛିଣ୍ଡାଇ ନେଇଥିଲେ। ସେମାନଙ୍କୁ ମସଜିତ ଗଳି ଆଡ଼କୁ ଟାଣିନେଇ ମହିଳାଙ୍କୁ ଗଣଦୁଷ୍କର୍ମ କରିଥିବା ସ୍ୱାମୀ ଅଭିଯୋଗ କରିଛନ୍ତି। ସହଦେବଖୁଣ୍ଟା ପୁଲିସ୍ ଏହି ଅଭିଯୋଗରେ ମାମଲା ରୁଜୁକରି ସୋନୁ ସିଂ ନାମକ ଜଣେ ଯୁବକ ଓ ତାର ୫ ଜଣ ସହଯୋଗୀଙ୍କୁ ଥାନାକୁ ଆଣି ପଚରାଉଚରା କରାଯାଇଛି। ଏ ବାବଦରେ କେସ ନଂ. ୩୬୦/ ୨୨ରେ ମାମଲା ରୁଜୁ କରାଯିବା ସହ ତଦନ୍ତ ଜାରି ରହିଛି। ୬ ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ୨ ଜଣ ନାବାଳକ ବୋଲି ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Praggyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଶ୍ରମିକ ବିରୋଧି ବି.ଜେ.ପି ଓ ବି.ଜେ.ଡ଼ି ପ୍ରାର୍ଥୀଙ୍କୁ ହରାଇବା ପାଇଁ ଶ୍ରମିକ କର୍ମଚାରୀ ବଦ୍ଧ ପରିକର




ଭୁବନେଶ୍ୱର,୨୭।୧୦(ପି.ଏନ): କେନ୍ଦ୍ରରେ ବି.ଜେ.ପି ସରକାର ଏବଂ ରାଜ୍ୟରେ ବି.ଜେ.ଡ଼ି ସରକାର କୃଷକ କର୍ମଚାରୀ ବିରୋଧି ହୋଇଥିବାରୁ ଆଗାମୀ ବାଲେଶ୍ୱର ଓ ତ୍ରିତୋଲ ବିଧାନସଭା ଉପନିର୍ବାଚନରେ ବି.ଜେ.ପି ଓ ବି.ଜେ.ଡ଼ି ପ୍ରାର୍ଥୀଙ୍କୁ ହରାଇ କଂଗ୍ରେସ ଦଳର ପ୍ରାର୍ଥୀ ମମତା କୁଣ୍ଡୁ ଓ ଜଗତସିଂହପୁର ପ୍ରାର୍ଥୀ ହିମାଂଶୁ ମଲ୍ଲିକଙ୍କୁ ଜିତାଇବା ପାଇଁ ଗତ ତା. ୨୨.୧୦.୨୦୨୦ ରିଖରେ ବାଲେଶ୍ୱର ଦୁର୍ଗା ଗାର୍ଡେନ ଠାରେ ଜାତୀୟ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଜାତୀୟ ଉପସଭାପତି, ଓଡ଼ିଶା ଶାଖାର ସଭାପତି ତଥା ପ୍ରାକ୍ତନ ସାଂସଦ ଡକ୍ଟର ରାମଚନ୍ଦ୍ର ଖୁଂଟିଆଙ୍କ ପୌରାହିତରେ ଅନୁଷ୍ଠିତ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଆଂଚଳିକ ସମ୍ମିଳନୀରେ ନିଷ୍ପତି ନିଆଯାଇଛି। ଏହି ସମ୍ମିଳନୀରେ ଏ.ଆ।ଇ.ଟି.ୟୁ.ସି., ସି.ଆଇ.ଟି.ୟୁ.,ଏଚ.ଏମ୍.ଏସ୍. ଏ.ଆଇ.ସି.ସି.ଟି.ୟୁ ପ୍ରଭୃତି ସମସ୍ତ କେନ୍ଦ୍ରୀୟ ଶ୍ରମିକ ସଂଗଠନକୁ ଶ୍ରମିକ କର୍ମଚାରୀ ବିରୋଧି ବି.ଜେ.ପି. ଓ ବି.ଜେ.ଡ଼ି ପ୍ରାର୍ଥୀଙ୍କୁ ହରାଇ କଂଗ୍ରେସ ଦଳର ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ନିବେଦନ କରାଯାଇଛି। ଏହି ସମ୍ମିଳନୀକୁ ବିଧିବଧ ଭାବେ ଉଦ୍‌ଘାଟନ କରି ଅଖିଳ ଭାରତ କଂଗ୍ରେସ କମିଟିର ସାଧାରଣ ସଂପାଦକ ତଥା ସାଂସଦ ଡକ୍ଟର ଏ. ଚେଲ୍ଲା କୁମାର କହିଥିଲେ ଯେ, ରାଷ୍ଟ୍ରୀୟ ମଜଦୁର କଂଗ୍ରେସ କେବଳ ଭାରତ ନୁହେଁ ସାରା ପୃଥିବୀରେ ବୃହତମ ଶ୍ରମିକ ସଂଗଠନ। ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଭାରତ ବର୍ଷରେ ପ୍ରଣିତ ସମସ୍ତ ଶ୍ରମ ଆଇନ ଗୁଡ଼ିକୁ ପ୍ରଣୟନ କରିବା ପାଇଁ ମୁଖ୍ୟ ଭୂମିକା ନେଇଥିଲେ। ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ରାଜନୈତିକ ଦୃଷ୍ଟି କୋଣରୁ କଂଗ୍ରେସକୁ ସମର୍ଥନ କରୁଥିଲେ ହେଁ ଶ୍ରମିକ କର୍ମଚାରୀଙ୍କ ସ୍ୱାର୍ଥ ପାଇଁ କଂଗ୍ରେସ ସରକାରଙ୍କ କାର୍ଯ୍ୟକୁ କେବେ ପ୍ରତିବାଦ କରିବା ପାଇଁ ପଛାଇ ନାହିଁ। ଏଣୁ ଏହି ପରିପ୍ରେକ୍ଷୀରେ ଶ୍ରମିକ କର୍ମଚାରୀ ଓ ଚାଷୀ ବିରୋଧି ମୋଦୀ ଓ ନବୀନ ପଟ୍ଟନାୟକଙ୍କ ପ୍ରାର୍ଥୀଙ୍କୁ ବାଲେଶ୍ୱର ଓ ତ୍ରିତୋଲରୁ ହରାଇ କଂଗ୍ରେସ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ନିବେଦନ କରିଥିଲେ। ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ଶ୍ରୀଯୁକ୍ତ ନିରଞ୍ଜନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବରେ ଏହି ସଭାରେ ଉଦ୍‌ବୋଧନ ଦେଇ କହିଥିଲେ ଯେ, ବାଲେଶ୍ୱରର ସମସ୍ତ ଉନ୍ନୟନ କାର୍ଯ୍ୟ ଓ କଳକାରଖାନା କେବଳ କଂଗ୍ରେସ ସମୟରେ ହିଁ ହୋଇଛି। ଅନ୍ୟ କୌଣସି ଦଳର ବାଲେଶ୍ୱର ସହରର ଉନ୍ନୟନ ପାଇଁ କିଛି ଅବଦାନ ନାହିଁ ଏବଂ କଂଗ୍ରେସ ପ୍ରାର୍ଥୀ ମମତା କୁଣ୍ଡୁ ଜଣେ ଦକ୍ଷ ନାରୀ ନେତ୍ରୀ, ତେଣୁ ତାଙ୍କୁ ବିପୁଳ ଭୋଟ ଦେଇ ଜୟଯୁକ୍ତ କରିବା ପାଇଁ ନିବେଦନ କରିଥିଲେ। ରାଜ୍ୟ ବିଧାନ ସଭା ଶ୍ରୀ ତାରା ବାହିନୀ ପତି, ବିଧାୟକ, ଶ୍ରୀ ସପ୍ତଗିରି ଉଲ୍ଲାକା, କୋରାପୁଟ ସାଂସଦ, ଶ୍ରୀଯୁକ୍ତ ପ୍ରଦୀପ ମାଝୀ, ପ୍ରାକ୍ତନ ସାଂସଦ ତଥା ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର କାର୍ଯ୍ୟକାରୀ ସଭାପତି ଓ ସୁଦର୍ଶନ ଦାସ ପ୍ରମୁଖ ଏହି ସଭାରେ ଉଦ୍‌ବୋଧନ ଦେଇ କଂଗ୍ରେସ ପ୍ରାର୍ଥୀନୀ ଶ୍ରୀମତୀ ମମତା କୁଣ୍ଡୁଙ୍କୁ ଜୟଯୁକ୍ତ କରିବା ପାଇଁ ନିବେଦନ କରିଥିଲେ। କଂଗ୍ରେସ ପ୍ରାର୍ଥୀନୀ ଶ୍ରୀମତୀ ମମତା କୁଣ୍ଡୁ ଏହି ସଭାରେ ଉଦ୍‌ବୋଧନ ଦେଇ ବାଲେଶ୍ୱର ସହରର ସମସ୍ତ କାର୍ଯ୍ୟ କରିବା ସଂଗେ ସଂଗେ ବି.ଜେ.ଡ଼ି ଓ ବି.ଜେ.ପି ସରକାର ବାଲେଶ୍ୱର ଅଧିବାସୀଙ୍କ ଆଶା ଆକାକ୍ଷା ପୂର୍ଣ୍ଣ କରିବା ପାଇଁ ସଂପୂର୍ଣ୍ଣ ବିଫଳ ହୋଇଥିବାରୁ ୩ ବର୍ଷ ତାଙ୍କୁ ସୁଯୋଗ ଦେବା ପାଇଁ ବିନମ୍ର ନିବେଦନ କରିଥିଲେ। ଡକ୍ଟର ଖୁଂଟିଆ, ପୂର୍ବତନ ସାଂସଦ ଏହି ସଭାରେ ପୌରାହିତ କରି ବାଲେଶ୍ୱର ଜିଲ୍ଲା ସଦର ମହକୁମା ମେଡ଼ିକାଲ କଲେଜ ଏବଂ ଇକ୍ଷକ୍ଷଗଝ ର ପ୍ରସ୍ତାବ କଂଗ୍ରେସ ସରକାର ସମୟରେ ଗୋଲାବ ନବୀ ଆଜାଦ ଘୋଷଣା କରିଥିଲେ ଏବଂ ଡକ୍ଟର ଖୁଂଟିଆ ନିଜେ ଇଓଓଗଝ ର ସଦସ୍ୟ ଥିଲେ। ଯାହା ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନଥିବା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଫଳତାର ଜ୍ୱଳନ୍ତ ନିଦର୍ଶନ। ଏହି ସଭାରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ସାଧାରଣ ସଂପାଦକ କିଶୋର ଜେନା, ଉପସଭାପତି ମଦନ ମୋହନ ଧଳ, ବିଦ୍ୟାଧର ମହାନ୍ତି, କୋଷାଧ୍ୟକ୍ଷ ଧରଣୀ ଧର ସ୍ୱାଇଁ, ଯୁଗ୍ମ ସଂପାଦକ ଅକ୍ଷୟ ତ୍ରିପାଠୀ, ପ୍ରଣତୀ ମିଶ୍ର, ସୁରେଶ ବେହେରା, ବାସନ୍ତୀ ସାମଲ, ବିକାଶ ଦାସ, ରଘୁନାଥ ମାଝୀ, ପରାମାନନ୍ଦ ସେଠୀ, ବିଷ୍ଣୁ ରଥ, ବିଜୟ ଦ୍ୱିବେଦୀ, ବିଜୟ ବୋଇତଇ, ଚନ୍ଦ୍ରକାନ୍ତ ଖଣ୍ଡେଇ ଓ ରମାକାନ୍ତ ଗାହାଣ ପ୍ରମୁଖ ଯୋଗଦେଇଥିଲେ।

# ଆରଡିଏମ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ଆହ୍ୱାନ



ଭୁବନେଶ୍ୱର,(ପି.ଏନ): ଆରଡିଏମ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ଆହ୍ୱାନ କଳାରାହାଙ୍ଗ ସ୍ଥିତ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଦେବରାୟ ମହାବିଦ୍ୟାଳୟର ପ୍ରକ୍ତନ ଅଧକ୍ଷ ତଥା ବିଶିଷ୍ଟ ଗାଳ୍ପିକ ଓ ସଂଳାପ ଲେଖକ ଡଃ ରଜନୀ ରନ ଦାଶ ଯୋଗଦେଇ କହିଥିଲେ ଛାତ୍ରଛାତ୍ରୀ ମାନଙ୍କର ଚରିତ୍ର ଗଠନ ଦିଗରେ ଶିକ୍ଷକ, ଶିକ୍ଷୟିତ୍ରୀ, ଅଭିଭାବକ ମାନଙ୍କର ଗୁରୁଦାୟିତ୍ୱ ରହିବା ସହିତ ସୁନ୍ଦର ପରିବେଶ ମଧ ଆବଶ୍ୟକ। ସମୟାନୁବ□ିତା, ଗୁରୁଭକ୍ତି ରଖି ଭଲ ପାଠ ପଢି ବିଦ୍ୟାଳୟର ନାମ ଉଜ୍ୱଳ କରିବା ସହିତ ଦେଶ ବିଦେଶରେ ସୁନାମ ଅର୍ଜନ କରିବା ପାଇଁ ଛାତ୍ରଛାତ୍ରୀ ମାନଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଶାରୀରିକ ଶିକ୍ଷା ପ୍ରତିଷ୍ଠାନର ପ୍ରାକ୍ତନ ଅଧକ୍ଷ ଡଃ ଦେବେନ୍ଦ୍ର ନାଥ ବେହେରା, ସମ୍ମାନିତ ଅତିଥି ଭାବେ ଓଡିଆ ଚଳଚିତ୍ର ଜଗତର ସର୍ବକାଳୀନ ଅଭିନେତ୍ରୀ ଜୟା ସ୍ୱାମୀ, ଅଭିନେତ୍ରୀ ନମ୍ରତା ସିଂହଦେଓ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀମାନେ ଭଲ ପାଠ ପଢି ଭଲ ମଣିଷ ହେବା ପାଇଁ ପରାମର୍ଶ ଦେଇଥିଲେ ଏବଂ ବିଦ୍ୟାଳୟର ପରିବେଶ ଓ ଶିକ୍ଷାଦାନ ପଦ୍ଧତିକୁ ପ୍ରଶଂସା କରିଥିଲେ। ବିଦ୍ୟାଳୟର ପ୍ରତିଷ୍ଠାତା ସମ୍ପାଦକ ତୁଷାର ରନ ପାଠୀ ସଭାପତିତ୍ୱ କରିବା ସହିତ ବାର୍ଷିକ ବିବରଣୀ ପାଠ କରିଥିଲେ। ଅନ୍ୟତମ ଉପଦେଷ୍ଟା ହିମାଂଶୁ ଶେଖର ମିଶ୍ର ଅତିଥି ପରିଚୟ ପ୍ରଦାନ କରିବା ସହତ ପରିଚାଳନା କରିଥିଲେ। ଏହି ଅବସରରେ ଶିକ୍ଷା କ୍ଷେତ୍ରରେ ବଳିଷ୍ଠ ଅବଦାନ ପାଇଁ ବରିଷ୍ଠ ଶିକ୍ଷକ ଦୁଃଶାସନ ବଳବ' ରାୟ ଓ ଗୋପାଳ ଚନ୍ଦ୍ର ମାଝୀଙ୍କୁ ସମ୍ମାନୀତ କରାଯାଇଥିଲା। ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସେମାନଙ୍କ କଳାନୈପୁଣ୍ୟ ମାଧମରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହି ଉତ୍ସବରେ ବିଦ୍ୟାଳୟର ସମସ୍ତ ଅଭିଭାବକ ଓ ଅଭିଭାବିକା ସେମାନଙ୍କ ବହୁମୂଲ୍ୟ ସହେଯାଗ ପ୍ରଦାନ କରି ଆରମ୍ଭରୁ ଶେଷ ପର୍ଯ୍ୟ' ଉପସ୍ଥିତ ଥିଲେ। ଅଧକ୍ଷା ସୁରିତା ବଡପଣ୍ଡା ସମସ୍ତଙ୍କୁ ଧନ୍ୟବାଦ କରିଥିଲେ।

# ବାଲିଘାଟ ନିଲାମ ବନ୍ଦ ପାଇଁ ହାଇକୋର୍ଟରେ ମାମଲା

କୋରେଇ, (ପିଏନ)- ଯାଜପୁର ଜିଲ୍ଲା କୋରାଇ ବ୍ଲକ ମୂଳାପାଳ ପଂଚାୟତ ଅନ୍ତର୍ଗତ ରଣପାଳ ଓ ଧନତ୍ରୀ ମୌଜାର ବୈତରଣୀ ନଦୀରେ ବାଲିଘାଟ ନିଲାମ ପାଇଁ ରାଜସ୍ୱ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ରଣପାଳ ଓ ଧନତ୍ରୀ ବାଲିଘାଟ ନିଲାମ ନକରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ତହସିଲଦାରଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ପତ୍ର ମାଧ୍ୟମରେ ଜଣାଇ ଦିଆଯାଇଥିଲା। ପରେ ଦୁଇ ରଣପାଳ ଓ ଧନତ୍ରୀ ବାଲିଘାଟ ନିଲାମ ବନ୍ଦ କରିବା ନେଇ ଗ୍ରାମବାସୀ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ଏନେଇ ଡବ୍ଲୁ.ପି. (ସି) ୨୨୭୨୫ରେ ମାମଲା ରୁଜୁ କରାଯାଇଛି। ବୈତରଣୀ ନଦୀର ଏହି ବାଲିଘାଟ ନିଲାମ ଦ୍ୱାରା ନଦୀବନ୍ଧ ପ୍ରତି ବିପଦ ସହ ବନ୍ୟାପ୍ଲାବିତ ଏହି ପଂଚାୟତର କ୍ଷିରୋ, ସରସଦା ଧନତ୍ରୀ, ଗୋବିନ୍ଦପୁର, ରଣପାଳ ସମେତ ଅନେକ ଗ୍ରାମ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ସୃଷ୍ଟି ହୋଇଛି। ତେଣୁ ବିପଦ ଦୃଷ୍ଟିରୁ ଏହି ନିଲାମ ବନ୍ଦ କରିବାକୁ ଅଭିଯୋଗରେ ଦର୍ଶାଯାଇଛି। ଏହା ସହିତ ନଦୀ ପଠାରେ ଥିବା ବିଭିନ୍ନ ଦେବାଦେବୀ ମନ୍ଦିର କ୍ଷତିଗ୍ରସ୍ତ ହେବ। ଏନେଇ ରଣପାଳ ଗ୍ରାମର କିଶୋର ଚନ୍ଦ୍ର ପାଳ, କାର୍ତ୍ତିକ ଚନ୍ଦ୍ର ପଣ୍ଡା, ଅଭିମନ୍ୟୁ ପାଳ, ଉପେନ୍ଦ୍ର ବେହେରା, ପ୍ରତାପ ମଲ୍ଲିକ, ଦୁର୍ଗାପ୍ରସାଦ ପଣ୍ଡା ପ୍ରମୁଖ ଓଡିଶା ସରକାର ପଂଚାୟତରାଜ ପ୍ରିନିସପାଲ ସେକ୍ରେଟାରୀ, ରାଜସ୍ୱ ଓ ପ୍ରାକୃତିକ ବିପର୍ଯ୍ୟୟ ପ୍ରିନିସିପାଲ ସେକ୍ରେଟାରୀ, କଲେକ୍ଟର ଯାଜପୁର, ସବକଲେକ୍ଟର ଯାଜପୁର ଓ ତହସିଲଦାରଙ୍କୁ ପକ୍ଷଭୁକ୍ତ କରାଯାଇ ହାଇକୋର୍ଟରେ ମାମଲା ରୁଜୁ କରିଛନ୍ତି। ପରବର୍ତି ଶୁଣାଣୀ ପର୍ଯ୍ୟନ୍ତ ନିଲାମ ବନ୍ଦ କରିବାକୁ ହାଇକୋର୍ଟ ଜିଲ୍ଲାପାଳ ଯାଜପୁରଙ୍କୁ ଅବଗତ କରିଛନ୍ତି।

# ବଧୂ ହତ୍ୟା ଅଭିଯୁକ୍ତଙ୍କୁ ଧରୁନି ପୁଲିସ, ଏସପିଙ୍କୁ ଭେଟିଲେ ପରିବାର ଲୋକେ

କୋରେଇ, (ପିଏନ)-ଯାଜପୁର ଥାନା ଅନ୍ତର୍ଗତ ଧନିପୁର ଗ୍ରାମର ସରସ୍ୱତୀ ପାଣି ନାମକ ମହିଳାଙ୍କୁ ତାଙ୍କ ଶାଶୁଘର ପରିବାର ପକ୍ଷରୁ ଯୌତୁକ ଦାବିରେ କିରୋସିନି ଢାଳି ନିଆଁ ଲଗାଇଦେଇଥିଲେ। ଗତ ଅଗଷ୍ଟ ୨୮ ତାରିଖ ଏଭଳି କାଣ୍ଡ ଘଟିବା ପରେ ସରସ୍ୱତୀଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ଏନେଇ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ସରସ୍ୱତୀର ସ୍ୱାମୀ ମାର୍କଣ୍ଡପୁର ଗ୍ରାମର ନରେନ୍ଦ୍ର ପାଣିଙ୍କ ପୁଅ ରବିନ୍ଦ୍ରକୁ ଗିରଫ କରିଥିଲା। ମାତ୍ର ଅନ୍ୟ ଅଭିଯୁକ୍ତ ଶାଶୁ ପ୍ରେମଲତା, ନଣନ୍ଦ ରୀନା ଓ ନଣନ୍ଦେଇ କାଦୁଆକୁ ପୁଲିସ ଗିରଫ କରିନାହିଁ। ପରବର୍ତି ଅବସ୍ଥାରେ ଗତ ସେପ୍ଟେମ୍ବର ୪ ତାରିଖ ଚିକିତ୍ସିତ ଅବସ୍ଥାରେ ସରସ୍ୱତୀର ମୃତ୍ୟୁ ହୋଇଥିଲା। ମୃତ୍ୟୁ ପୂର୍ବରୁ ୪ଜଣ ମିଶି କିରୋସିନି ଢାଳି ନିଆଁ ଲଗାଇଥିବାର ବୟାନ ସରସ୍ୱତୀ ଦେଇଥିଲା। ହେଲେ ମୃତ୍ୟୁର ଅବଧି ୧୨ ଦିନ ବିତିଯାଇଥିଲେ ମଧ ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତ ମାନଙ୍କୁ ପୁଲିସ ଗିରଫ କରୁନାହିଁ। କେବଳ ମାମଲା ରୁଜୁ କରି ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଅଭିଯୁକ୍ତ ମାନେ ଖୁଲମଖୁଲା ବୁଲୁଛନ୍ତି। ମୃତ ସରସ୍ୱତୀଙ୍କୁ ନ୍ୟାୟ ଦେବା ପାଇଁ ପରିବାର ପକ୍ଷରୁ ଏସପିଙ୍କୁ ଗୁହାରୀ କରାଯାଇଛି।

# ବାଙ୍ଗିରିପୋଷିରେ ଅଟୋକୁ ଟ୍ରକ ପଛରୁ ଧକ୍କା ଦେଲା, ୨ ମୃତ, ୧୦ ଗୁରୁତର

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ୪୯ ନମ୍ବର ଜାତୀୟ ରାଜପଥର ବାଙ୍ଗିରିପୋଷି ଦ୍ୱାରଶୁଣି ଘାଟିରେ ଆଜି ପୂର୍ବାହ୍ନରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏକ ଅଟୋକୁ ପଛ ପଟୁ ଧକ୍କା ଦେଇ ଟ୍ରକ୍ ଓଲଟିବାରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧରେ ଜଣେ ସ୍କୁଲ ଛାତ୍ର ଓ ଅନ୍ୟ ଜଣେ ଅଭିଭାବକ ଥିବା ସୂଚନା ମିଳିଛି।ସୂଚନାଯୋଗ୍ୟ, ଆଜି ସକାଳେ ମଧାହ୍ନ ଭୋଜନ ଚାଉଳ ଆଣିବାକୁ ବିଶୋଇ ବ୍ଲକର ଦୋପଛା ଗାଁରୁ ଶୁଳିଆପଦା ଅଭିମୁଖେ ଏକ ଅଟୋରେ ୧୨ ଜଣ ଯାତ୍ରୀ ଯାଉଥିଲେ। ସେମାନଙ୍କ ମଧରେ ୪ ଜଣ ମହିଳା, ୪ ଜଣ ପୁରୁଷ ଓ ୪ ଜଣ ୧୦ରୁ ୧୨ ବର୍ଷ ମଧରେ ପିଲା ଥିଲେ। ସେମାନେ ନିଜ ଗାଁରୁ ପ୍ରାୟ ୨୦ କିଲୋମିଟର ଆସିବା ପରେ ବାଙ୍ଗିରିପୋଷି ଘାଟିରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ।ଅଟୋଟି ବାଙ୍ଗିରିପୋଷି ଘାଟିରେ ଓହ୍ଲାଉଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ ଅଟୋକୁ ପଛ ପଟୁ ପିଟି କିଛି ଦୂରକୁ ଘୋଷାରି ନେଇଥିଲା। ଏହାପରେ ଟ୍ରକଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଥିବା ବେଳେ ଅଟୋରେ ଥିବା ଯାତ୍ରୀଙ୍କ ମଧରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଥିଲା। ମୃତକଙ୍କ ମଧରେ ଜଣେ ପିଲା ଓ ଜଣେ ପୁରୁଷ ଅଛନ୍ତି। ଖବର ପାଇ ବାଙ୍ଗିରିପୋଷି ପୁଲିସ୍ ଓ ଅଗ୍ନିଶମ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଂଚି ତୁରନ୍ତ ଅନ୍ୟ ଆହତମାନଙ୍କୁ ବାଙ୍ଗିରିପୋଷି ମେଡିକାଲରେ ଭର୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବାରିପଦା ପିଆରଏମ ମେଡିକାଲକୁ ପଠାଇ ଦେଇଛି। ଦୁର୍ଘଟଣା ଘଟାଇ ଟ୍ରକ୍ ଡ୍ରାଇଭର ଓ ହେଲପର ଟ୍ରକ ଛାଡି ଫେରାର ହୋଇଯାଇଥିବା ଜଣାଯାଇଛି।

# କନ୍ଧମାଳ ଜିଲ୍ଲାର ଖଜୁରିପଡାରେ ମା ଗୃହ ଉଦଘାଟିତ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲା ବାଲିଗୁଡାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ବନବାସୀ ସେବା ସମିତିର ପରିଚାଳନାରେ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳ ସହାୟତାରେ ଏକ ନୁତନ ମା ଗୃହ କନ୍ଧମାଳ ଜିଲ୍ଲାର ଖଜୁରିପଡାଠାରେ ଉଦଘାଟିତ ହୋଇଯାଇଛି। ଏହି ଏଦଘାଟନୀ କାର୍ଯ୍ୟକ୍ରମ କୋଭିଡ ନିୟମ ଅନୁସାରେ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ମନସ୍ୱିନି ମିଶ୍ର ଯୋଗ ଦେଇ ଏହାର ଶୁଭ ଉଦଘାଟନ କରିଥିଲେ। ଏହି ଅବସରରେ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳର କାର୍ଯ୍ୟକ୍ରମ ପରିଚାଳକ ମନରଞ୍ଜନ ସାହୁ,ଖଜୁରିପଡାର ଡା.ନିମାଇଁ ଚରଣ ବିଶି,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମିତା କରଣ,ଖଜୁରିପଡା ସମନ୍ୱିତ ଶିଶୁ ବିକାଶ ଅଧିକାରୀଣୀ ଗୀତାରାଣୀ ପଣ୍ଡା,ବନବାସୀ ଅନୁଷ୍ଠାନର ସମ୍ପାଦକ ଉତ୍ସବଚନ୍ଦ୍ର ଜେନା,ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା,ଚାଇଲ୍ଡଲାଇନର ସମସ୍ତ କର୍ମକର୍ତା ଓ ସଦସ୍ୟ ମାନେ ,ସଖିର ସଦସ୍ୟା ଓ ମା ଗୃହର ସମସ୍ତ କର୍ମକର୍ତାଙ୍କ ସମେତ ଅଂଚଳର ଲୋକମାନେ ଉପସ୍ଥିତ ଥିଲେ। ଏଠାରେ ଏହି ବ୍ଲକରେ ଥିବା ଦୁର୍ଗମ ଅଂଚଳର ଗର୍ଭବତୀ ମା ମାନେ ସେମାନଙ୍କର ପ୍ରସବ ପୁର୍ବରୁ ସେଠାରେ ଆସି ରହିବା ସହିତ ସେମାନଙ୍କୁ ଆବଶ୍ୟକୀୟ ଚିକିତ୍ସା ମାଗଣାରେ ପ୍ରଦାନ କରାଯିବା ସହିତ ସେମାନେ କିପରି ସୁସ୍ଥ ମାନସିକତାରେ ରହି ସଠିକ୍ ଭାବରେ ପ୍ରସବ କରି ପାରିବେ ସେଥିପାଇଁ ସେମାନଙ୍କ ପାଇଁ ପୌଷ୍ଟିକ ଖାଦ୍ୟପେୟ ସହିତ ମନରଞ୍ଜନ ପାଇଁ ମଧ୍ୟ ଆବଶ୍ୟକୀୟ ବ୍ୟବସ୍ଥା କରାଯାଇ ଥିବା ନେଇ ବନବାସୀ ଆନୁଷ୍ଠାନର ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା ସୁଚନା ଦେଇଛନ୍ତି।

# ଶିକ୍ଷା ସମେତ ବିଭିନ୍ନ ବିକାଶ ଦିଗରେ ସଚେତନତାର କାର୍ଯ୍ୟକ୍ରମ

କନ୍ଧମାଳ,(ପିଏନ)-କନ୍ଧମାଳ ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ଗୁଡ୍ ସୁମରିଟାନ୍ ଓ ଅନ୍ତରଙ୍ଗ କନ୍ଧମାଳ ପକ୍ଷରୁ ପୋଷଣ ଅଭିଯାନ ଓ କରୋନା ସଚେତନତା କାର୍ଯ୍ୟକ୍ରମ ଚକାପାଦ ବ୍ଲକର ନନ୍ଦିନୀ, ପସରା, ବରପଲ୍ଲୀ ଓ ଘୁ ଉଦୟଗିରି ବ୍ଲକର କଡିକାଡୁ ଗ୍ରାମରେ କରୋନା ଭୁତାଣୁ ସଂକ୍ରମଣ ରୋଗର ସଚେତନତା ଓ ସର୍ତକତାର ବାର୍ତା ପହଂଚାଇବା ସହ ୭୦୦ ଶହରୁ ଅଧିକା ମାସ୍କ ବଂଟନ କରିବା ସହ ବ୍ୟବହାର କରିବା କୋଭିଡ ନିୟମକୁ ପାଳନ ପାଇଁ ପର୍ବତାଇବ.ଶିଶୁ ଶିକ୍ଷାକୁ ଉତ୍ସାହିତ କରିବା,ବାଲ୍ୟ ବିବାହ ବନ୍ଦ କରିବା ପାଇଁ "ବାଲ୍ୟ ବିବାହକୁ ନା କହିବା ଓ ପାଠ ପଢ଼ାକୁ ହଁ କହିବା"ନାରା ଦେଇଛନ୍ତି ଗାଁର କିଶୋର କିଶୋରୀ ମାନେ ଓ ଗାଁ ଲୋକମାନେ। ମହାମାରୀ ସମୟରେ ନିଜନିଜକୁ ସତର୍କ କରି ସୁରକ୍ଷିତ ରହିଲେ ନିଜ ପରିବାର ସୁରକ୍ଷିତ ରହିବ ଓ ନିଜ ଅଂଚଳ ସୁରକ୍ଷିତ ହେବା ସହ ଗାଁରେ କୌଣସି ବ୍ୟକ୍ତି କରୋନା ରୋଗରେ ଆକ୍ରାନ୍ତ ହେବେ ନାହିଁ ଓ ଏହି ସମୟରେ ଛୋଟ ଛୋଟ ଶିଶୁ ମାନଙ୍କୁ ଓ କିଶୋର କିଶୋରୀ ଓ ଗର୍ଭବତୀ ମହିଳାଙ୍କ ପାଇଁ ପୋଷକ□ତତ୍ୱର ଅଭାବ ଦେଖାଯାଇଥିବାର ସୁଚନା ଅନୁମାନ କରାଯାଇଛି।ଯାହ ପାଇଁ ଆମକୁ ସାବଧାନତା ଅବଲମ୍ବନ କରି ପୋଷକ ତତ୍ୱର ଖାଦ୍ୟ ପଦାର୍ଥ ଖାଇବା ଆବଶ୍ୟକତା ରହିଛି ବୋଲି ଅନ୍ତରଙ୍ଗ ଯୁବ ମାହାସଂଘର ସମ୍ପାଦକ ହୃଷିକେଶ ପ୍ରଧାନ ବୁଝେଇଥିଲେ।ମହାମାରୀ ପାଇଁ ସ୍କୁଲ କଲେଜ ଗୁଡିକ ବନ୍ଦ ରହିଥିବା ଫଳରେ ଛାତ୍ରଛାତ୍ରୀ ମାନଙ୍କ ପାଠପଢ଼ାରେ ବ୍ୟାଘାତ ଶୃଷ୍ଟି ହେଉଛି।ଏହାର ସମାଧାନ ଆମ ନିଜ ପାଖରେ ଅଛି।ଯାହାକି ନିଜେ ପାଠ ପଢ଼ିବା ଅଭ୍ୟାସ ରଖିବାକୁ ପଡିବ ଓ ଆଗାମୀ ଦିନରେ ମଧ ପଢ଼ିବା ପାଇଁ ଅନ୍ୟ ଭାଇଭଉଣୀଙ୍କୁ ମଧ ପ୍ରବର୍ତାଇବା ଉଚିତ ବୋଲି ବାଲ୍ୟ ବିବାହ ପ୍ରତିରୋଧ ମଂଚର ସମ୍ପାଦିକା ବିଷ୍ଣୁ ପ୍ରିୟା ପ୍ରଧାନ କହିଛନ୍ତ।




୨୦୨୪-୨୦୨୫



ADMISSION OPEN
Maharishi Public School, Baripada

STD-NURSERY TO VIII
ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on Facebook.com/Mps, Baripada

